# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 | Weekly Multilingual | Rs - 5.00

ଭାଗ:୨, ସଂଖ୍ୟା: ୫୦, ଭୁବନେଶ୍ୱର, ଅକ୍ଟୋବର ୨୭- ନଭେମ୍ବର ୨, ୨୦୨୫, Vol: 2, Issue: 50, Bhubaneswar, October 27- November 2, 2025 Pages- 8


# ପେନସନ ରାଜନୀତି


**କୈଳାସ ଚନ୍ଦ୍ର ଶତପଥୀ**


**• ଆମ ରାଜନେତାଙ୍କ ଲୋଭ ବହୁତ • ସତରେ ସରେଣ୍ଡର୍ କରିଦେବବେ କି ପାଉଥିବା ଡବଲ୍ କିମ୍ବା ତ୍ରିପଲ୍ ପେନସନ ? • ରାସନ୍ କାର୍ଡ ଓ ରନ୍ଧନ ଗ୍ୟାସ୍ ସବସିଡ ସରେଣ୍ଡର୍ କରିବା ପାଇଁ ରାଜନୈତିକ ବ୍ୟକ୍ତି ସାଧାରଣ ଲୋକଙ୍କୁ କରୁଛନ୍ତି ଆହ୍ୱାନ • ସାଧାରଣ ନାଗରିକ ଯେଉଁଟି ଅଧିକ ସେଇ ଆଧାରରେ ପାଇବେ ଗୋଟିଏ ଭତ୍ତା • ନେତାଙ୍କ ପାଇଁ ଆଇନ କୋହଳ, ପାଇବେ ଡବଲ୍ କି ତ୍ରିପଲ୍ ପେନସନ**

ଚାକିରି କଲେ ଦରମା, ଚାକିରି ସରିଗଲେ ପେନସନ : କେଉଁ କାଳରୁ ଏ ନିୟମ ଆମ ଦେଶରେ ପ୍ରଚଳିତ। ବଡ ବିଚିତ୍ର ଆମ ଆଇନ ଓ ସମ୍ବିଧାନର ବିଧି ବ୍ୟବସ୍ଥା। ଏପଟେ ଦେଶରେ ଦୁର୍ନୀତି ବଢ଼ି ଚାଲିଥିବା ବେଳେ ଆମେ କିନ୍ତୁ ଅନ୍ୟ ଦେଶର ଟିକସ ମନମାନି ପାଇଁ ଆମ ଅର୍ଥନୈତିକ ଅଭିବୃଦ୍ଧି ହାର ସଙ୍କଟ ଆଡ଼କୁ ଯାଉଛି ବୋଲି କହୁଛେ। ଅର୍ଥନୀତି ବିଶାରଦମାନେ ଆକଳନ କରୁଛନ୍ତି, ଏଭଳି ସଙ୍କଟ ସମୟରେ ଆମ ରାଜନେତାମାନେ ଟିକେ ସମ୍ବେଦନଶୀଳ ଏବଂ ଉଦାରଚେତା ହେବା ନିତାନ୍ତ ଆବଶ୍ୟକ। ଆଲୋଚ୍ୟ ପ୍ରସଙ୍ଗର ଗୁରୁତ୍ୱ ଏଠାରେ ବଡ ଗମ୍ଭୀର ଓ ଏହାକୁ ଏହି ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିବାର ମୁଖ୍ୟ କାରଣ ହେଲା ଆମ ସମ୍ବିଧାନର ବିଧି ବ୍ୟବସ୍ଥା। ଏହି ବ୍ୟବସ୍ଥା ଅନୁଯାୟୀ ସରକାରୀ ଚାକିରୀରୁ ଅବସର ନେବା ପରେ ଜଣେ ଅବସରପ୍ରାପ୍ତ କର୍ମଚାରୀ ଯଦି ନିର୍ବାଚନ ଲଢ଼ିଲେ, ଏବଂ ଜିତି ବିଧାୟକ କିମ୍ବା ସାଂସଦ ହେଲେ, ଅବା ପ୍ରଥମେ ବିଧାୟକ ଓ ତା'ପରେ ସାଂସଦ ହେଲେ ତେବେ ସେ ସରକାରୀ ଚାକିରୀ, ବିଧାୟକ ଓ ସାଂସଦ ଏଭଳି ତିନିଟି ପର୍ଯ୍ୟାୟର କାର୍ଯ୍ୟ ନିବୃତ୍ତ ପାଇଁ ତିନି ତିନିଟି ପେନସନ ପାଇବା ପାଇଁ ହକଦାର୍ ବନୁଛନ୍ତି। ଏହା ସହିତ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ବି ପାଉଛନ୍ତି। ଅନ୍ୟପକ୍ଷରେ ଜଣେ ସାଧାରଣ ମଣିଷ ଦୁଇଟି ସରକାରୀ ଭତ୍ତା ବା ସାମାଜିକ କଲ୍ୟାଣ ପେନସନ ପାଇଁ ଯୋଗ୍ୟ ବିବେଚିତ ହେଲେ ତେବେ ସେ ଯେଉଁ ଭତ୍ତା କିମ୍ବା ପେନସନ ରାଶିଟି ଅଧିକ ହୋଇଥିବ ସେହି ଗୋଟିଏ ସୁବିଧା ବା ପେନସନ ପାଇବା ପାଇଁ ଯୋଗ୍ୟ ହେବେ। ଉପରୋକ୍ତ କଥାଟିକୁ ଆଉ ଟିକେ ସରଳ ଭାବେ ବ୍ୟାଖ୍ୟା କରୁଛି। ଧରନ୍ତୁ ଜଣେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବିଧବା ଦିବ୍ୟାଙ୍ଗ ମହିଳା ଯଦିଓ ତିନୋଟି ଭତ୍ତା (ଯଥା ବିଧବା, ଦିବ୍ୟାଙ୍ଗ ଓ ୬୦ବର୍ଷ) ପାଇବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। କିନ୍ତୁ ସେ ମହିଳା ଯେଉଁ ଭତ୍ତାର ପରିମାଣ ରାଶି ଅଧିକ ସେଇ ଗୋଟିକ ପାଇବେ। ଅନ୍ୟ ଦୁଇଟି ଭତ୍ତା ପାଇବାରୁ ସେ ବଞ୍ଚିତ ହେବେ, କାରଣ ତାହା ହିଁ ନିୟମ।




ଅର୍ଥାତ୍ ସେହି ମହିଳା ମାସକୁ ମାତ୍ର ୩,୫୦୦ଟଙ୍କା ପାଇବେ।

ଆମ ସମ୍ବିଧାନର ଧାରା ୩୮ ଅନୁଯାୟୀ ବ୍ୟକ୍ତି – ବ୍ୟକ୍ତି ମଧ୍ୟରେ ଓ ଗୋଷ୍ଠୀ – ଗୋଷ୍ଠୀ ମଧ୍ୟରେ ଆୟର ବୈଷମ୍ୟକୁ ଦୂର କରିବା ପାଇଁ ରାଷ୍ଟ୍ର ସର୍ବଦା ଚେଷ୍ଟା କରିବ। ଏଠାରେ କିନ୍ତୁ ବିଡମ୍ବନା ବିଷୟ ଏହିକି ଯେ ଯିଏ ରାଷ୍ଟ୍ର ବା ରାଷ୍ଟ୍ର ଚଳାଇବା ନିମନ୍ତେ ସମ୍ବିଧାନର ନାମ ନେଇ ଶପଥ କରିଥାଏ ଏବଂ ତାର ଅନୁପାଳନ ନିମନ୍ତେ ଦାୟିତ୍ୱ ବହନ କରିଥାନ୍ତି, ସେମାନେ ନିଜର ଆଖି ବନ୍ଦ କରି ଆଖି ଥାଉ ଥାଉ ଅନ୍ଧ ସାଜୁଛନ୍ତି। ବହୁତ ବିଦ୍ୱାନ, ଜ୍ଞାନୀ, ଗୁଣି ମଣିଷମାନେ ଚାକିରି, ତାପରେ ବିଧାୟକ ଓ ପରେ ସାଂସଦ ହୋଇ ତିନି ତିନିଟି ପେନସନ ହାତେଇବାକୁ ଉଚିତ ମଣୁଛନ୍ତି। ଅନ୍ୟ କେତେଜଣ ମଧ୍ୟ ଗୋଟିଏ ରୁ ଅଧିକ ପେନସନ ପାଇ ଅୟସରେ ଜୀବନ ଅତିବାହିତ କରୁଛନ୍ତି। ତେଲିଆ ମୁଣ୍ଡରେ ତେଲ ଭଳି ନିୟମିତ ସମୟ ଅନ୍ତରାଳରେ ନିଜର ଭତ୍ତା ଓ ପେନସନ ରାଶି ବଢ଼ାଇବା ସକାଶେ ଦଳମତ ନିର୍ବିଶେଷରେ ଏକ ହୋଇ ନିଜ ବିଲ୍, ବିଧେୟକ ନିଜେ ପାସ୍ କରାଇନେଉଛନ୍ତି। କାରଣ ତାଙ୍କରି ହାତରେ ଉଭୟ ଛୁରୀ ଓ ତରଭୁଜ ରହିଛି। ସାଧାରଣ ଗରିବ ଜନତାଙ୍କ ପାଇଁ ରାସନ୍ କାର୍ଡ, ଗ୍ୟାସ୍ ସବସିଡ୍ ସ୍ୱତଃ ସରେଣ୍ଡର ପାଇଁ କେତେବେଳେ ଆହ୍ୱାନ ତ କେତେବେଳେ ଧମକ ଦେଉଥିବା ରାଷ୍ଟ୍ର ନିର୍ମାତାମାନେ ନିଜେ ପାଉଥିବା ଗୋଟିଏରୁ ଅଧିକ ପେନସନ କେବେ ସ୍ୱତଃ ସରେଣ୍ଡର୍ କରି ଯେଉଁଟି ସର୍ବାଧିକ ସେହି ଗୋଟିକ କେବଳ ନେବାପାଇଁ ଆଇନ ତିଆରିବେ ତାହା ଦେଖିବାକୁ ବାକି ରହିଲା।


*(ଦ୍ୱିତୀୟ ଭାଗ ଆରଥରକୁ.....)*





# ପଞ୍ଜାବ



**କାର୍ତ୍ତିକ ଚନ୍ଦ୍ର ପଣ୍ଡା**
ମୋବାଇଲ୍- ୭୯୭୮୪୨୦୪୯୩

ପଞ୍ଜାବ ଆମ ଦେଶର ଏକ ସମୃଦ୍ଧ ରାଜ୍ୟ । ଦୁଇଟି ପର୍ସିଆନ ଶବ୍ଦ 'ପଞ୍ଜ' (ପାଞ୍ଚ) + 'ଆବ' (ପାଣି) ଆଧାରରେ, ଏପରି ନାମକରଣ କରାଯାଇଛି । ସେଥିପାଇଁ ପଞ୍ଜାବକୁ ପଞ୍ଚନଦୀର ଦେଶ ମଧ୍ୟ କୁହାଯାଏ । ନଦୀଗୁଡିକ ହେଲା, ସତଲେଜ, ବ୍ୟାସ, ରାବି, ଚେନାବ ଓ ଝେଲମ୍ । ରାଜ୍ୟର ସମୁଦାୟ ୫୦୩୬୨ ବର୍ଗ କିଲୋମିଟର କ୍ଷେତ୍ରଫଳର ୮୪ ପ୍ରତିଶତ ଚାଷଜମି । ଉର୍ବର ମୃର୍ତ୍ତିକା ଓ ଉତ୍ତମ ଜଳସେଚନ ବ୍ୟବସ୍ଥା ପାଇଁ ପଞ୍ଜାବୀ ଚାଷୀ, ସବୁଠାରୁ ଆଗରେ । ପଞ୍ଜାବର ଜନସଂଖ୍ୟା ପ୍ରାୟ ୩ କୋଟି ।

ଦେଶ ସ୍ୱାଧୀନ ହେଲାବେଳେ, ସବୁଠାରୁ ବଡ଼ରାଜ୍ୟ ପଞ୍ଜାବକୁ ଭାରତ ଓ ପାକିସ୍ତାନ ଭିତରେ ବାଣ୍ଟି ଦିଆଗଲା । ହରିୟାଣା ଓ ହିମାଚଳ ପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ଭାବେ ପଞ୍ଜାବରୁ ପୃଥକ ହେଲାପରେ, ୩୧-୧୦-୧୯୬୬ ରେ ପଞ୍ଜାବ ଏକ ସ୍ୱତନ୍ତ୍ର ପ୍ରଦେଶର ସ୍ୱୀକୃତି ଲାଭ କଲା । ପଞ୍ଜାବ ଓ ହରିୟାଣାର ଗୋଟିଏ ରାଜଧାନୀ ଚଣ୍ଡିଗଡ଼, ଏକ କେନ୍ଦ୍ର ଶାସିତ ଅଞ୍ଚଳ ଅଟେ। ଏହି ଦୁଇଟି ରାଜ୍ୟର ଗୋଟିଏ ହାଇକୋର୍ଟ, ଚଣ୍ଡିଗଡ଼ ଠାରେ ଅବସ୍ଥିତ । ଅମୃତସର ସହର ଶିଖ ମାନଙ୍କର ଆଧାତ୍ମିକ ପ୍ରାଣକେନ୍ଦ୍ର ଯାହାକୁ ୧୫୭୦ ମସିହାରେ ଶିଖ ଗୁରୁ ରାମଦାସ ପ୍ରତିଷ୍ଠା କରିଥିଲେ । ଗୁରୁ ନାନକ ଦେବ ୧୫୦୦ ଶତାବ୍ଦୀରେ ହରମନ୍ଦିର ସାହିବ ବା ସ୍ୱର୍ଣ୍ଣ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ କରିଥଲେ । ଏହାର ନିର୍ମାଣ କାର୍ଯ୍ୟ ୧୫୮୯ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ମହାରାଜା ରଞ୍ଜିତ ସିଂହ ଭାରତୀୟ ଉପମହାଦେଶର ଉତ୍ତର ପଶ୍ଚିମ ଅଞ୍ଚଳକୁ ଉନ୍ନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ପିତାଙ୍କ ସହିତ, ମାତ୍ର ୧୦ ବର୍ଷ ବୟସରେ ଜୀବନର ପ୍ରଥମ ଯୁଦ୍ଧ ଲଢ଼ିଥିଲେ। ମାତ୍ର ୨୧ ବର୍ଷ ବୟସରେ ରାଜା ହୋଇଥିବା ରଣଜିତ ସିଂହ ଆଫଗାନମାନଙ୍କ ସହ ଅପୂର୍ବ ବୀରତ୍ୱର ସହ ଲଢି ଅନେକ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ଭାରତର ସୀମାକୁ ଲାଗି ଅଟ୍ଟାରି ଗ୍ରାମ ଓ ପାକିସ୍ତାନର ଲାହୋର ଜିଲ୍ଲା ଅନ୍ତର୍ଗତ ୱାଘା ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନରେ ଦୁଇଦେଶର ସୀମା ନିର୍ଦ୍ଧାରିତ । କେତେକ ବନ୍ଧୁ ୱାଘାକୁ ଭୁଲବଶତଃ ଭାରତର ଅଂଶ ବିଶେଷ ବୋଲି ଭାବିଥାନ୍ତି।

ପଞ୍ଜାବର ଚାଷଜମି ଦେଶର ମାତ୍ର ୧.୪ ପ୍ରତିଶତ। କିନ୍ତୁ ପଞ୍ଜାବକୁ ଦେଶର ଭାତହାଣ୍ଡି, ଅଥବା 'ଖାଦ୍ୟପେଟିକା ଓ ଶସ୍ୟର ଗନ୍ତାଘର' ବୋଲି କୁହାଯାଏ । ଏକ ତଥ୍ୟ ଅନୁଯାୟୀ, ବିଗତ ଦୁଇ ଦଶନ୍ଧି ଧରି ୪୦ ପ୍ରତିଶତ ଧାନ ଓ ୫୦-୭୦ ପ୍ରତିଶତ ଗହମ ଅମଳରେ ଏହି କ୍ଷୁଦ୍ର ରାଜ୍ୟର ଅବଦାନ ଉଲ୍ଲେଖଯୋଗ୍ୟ । ଏହା କେବଳ ପଞ୍ଜାବକୁ ଖାଦ୍ୟରେ ସ୍ୱାବଲମ୍ବୀ କରିନଥାଏ,



ଏହା କେନ୍ଦ୍ରୀୟ ଶସ୍ୟାଗାରର ୬୦ ପ୍ରତିଶତ ଆବଶ୍ୟକତା ପୂରଣ କରିଥାଏ । ଏହା ସହିତ ଆଖୁ, ମକା, ବାଜରା ଓ ଗୁଆଁର ଆଦି ବହୁଳ ଭାବେ ଚାଷ ହୁଏ । ଆମପରି ଧୋଇ, ମରୁଡି, ଓ ବାତ୍ୟା ଯୋଗୁଁ ସେଠାରେ ଫସଲ ହାନି ହୁଏନାହିଁ । ପଞ୍ଜାବର ଶିଖମାନେ ସାହସୀ ଓ ବୀରଜାତି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଶିଖ ମାନଙ୍କର ଶାରୀରିକ ଗଠନ ଦେଶରେ ସର୍ବୋତ୍ତମ । କଠିନ ପରିଶ୍ରମ, ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ ସଚେତନତା ଓ ଧାର୍ମିକ ଭାବନା ସେମାନଙ୍କୁ ସଶକ୍ତ କରେ। ଧାର୍ମିକ ନିୟମ ଆଧାରରେ ସେ ନିଜ ଶରୀରରେ ଆଦ୍ୟ ଅକ୍ଷର 'କ' ଥିବା ୫ ଟି ପଦାର୍ଥକୁ ଧାରଣ କରିଥାନ୍ତି । ସେଗୁଡିକ ହେଲା ୧-କେଶ (uncut heir) ୨-କଙ୍ଗ (ପାନିଆଁ) ୩- କଡା ୪- କଛା ୫- କୃପାଣ । ଶିଖମାନେ ନିର୍ଭିକ ଅଥଚ ଦୟାଳୁ ସ୍ୱଭାବର । ଆତିଥ୍ୟକୁ ଏମାନେ ବେଶି ଗୁରୁତ୍ୱ ଦିଅନ୍ତି ଓ ଏକ ପୁଣ୍ୟ କାର୍ଯ୍ୟବୋଲି ମନେକରନ୍ତି। ପଞ୍ଜାବୀ ଖାଦ୍ୟ ମଧ୍ୟ ସ୍ୱତନ୍ତ୍ର। ଲହୁଣୀ ସହିତ ପରାଠା, ମକାରୋଟି, ଲସୀ, ଚିକେନ ଟିକା, ତନ୍ଦୁରି ଚିକେନ, ଅମୃତସରୀ କୁଲଚା ଆଦି ସେମାନଙ୍କ ଭାରି ପ୍ରିୟ । ସୋରିଷ ଶାଗ ଓ ମୂଳା, ଗାଜରକୁ ପଞ୍ଜାବୀ ମାନେ ଭଲ ପାଆନ୍ତି । ପେଟପୂରା ଓ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟରେ ପଞ୍ଜାବୀମାନେ କେବେ ସାଲିସ କରନ୍ତି ନାହିଁ ।

ମୁଖ୍ୟ ପର୍ବପର୍ବାଣି ଭିତରେ ବୈଶାଖୀ, ଲୋହରୀ, ମକର ସଙ୍କ୍ରାନ୍ତି, ବସନ୍ତ ପଞ୍ଚମୀ, ରକ୍ଷାବନ୍ଧନ, ମାଘି, ହୋଲ୍ଲାମହଲା, ସାକ୍ଷୀସରୱାର, ତିଜ ଓ ଗୁରୁନାନକ ଜୟନ୍ତୀ ଆଦି ପର୍ବ ମହା ସମାରୋହରେ ପାଳନ କରାଯାଏ । ପଞ୍ଜାବରେ ପାରମ୍ପରିକ ନୃତ୍ୟର ଆଦର ବେଶି । ସେଗୁଡିକ ହେଲା ଭାଙ୍ଗ୍ରା, ଝୁମର, ଲୁଡ୍ଡି ଧମାଲ, ସାମୀ ଓ ଜାଗୋ । ସାଧାରଣତଃ ବିବାହିତ ପୁରୁଷ ଓ ମହିଳାମାନେ ଏକତ୍ର ନାଚି ପର୍ବ ପାଳିଥାନ୍ତି।

ମୋଗଲ ଶାସକଙ୍କ ଜବରଦସ୍ତ ଧର୍ମ ପରିବର୍ତ୍ତନକୁ ବିରୋଧ କରିବାରୁ, ଶିଖ ମାନଙ୍କର ନବମ ଗୁରୁ ତେଗ ବାହାଦୁରଙ୍କୁ ହତ୍ୟା କରାଯାଇଥିଲା । ନିଜ ରାଜ୍ୟ ତଥା ଧର୍ମକୁ ରକ୍ଷା କରିବାକୁ ଯାଇ ଗୁରୁ ଗୋବିନ୍ଦ ସିଂହ, ନିଜର ୪ ପୁତ୍ରଙ୍କୁ ଯୁଦ୍ଧରେ ହରାଇଥିଲେ । ସିକନ୍ଦରଙ୍କ ଜୟଯାତ୍ରା ରୋକିବାକୁ କେବଳ ପଞ୍ଜାବର ରାଜା ପୁରୁ ସାହସ କରିଥିଲେ । ୧୮୫୨ ମସିହାରେ ପଞ୍ଜାବ ରାଜ୍ୟକୁ ଅଧିକାର କରିବାକୁ, ଇଂରେଜ ମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଥଲା । ସ୍ୱାଧୀନତା ସଂଗ୍ରାମରେ ପଞ୍ଜାବର ଅବଦାନ ଅଧିକ । ଦେଶ ମାତୃକା ପାଇଁ ସର୍ବାଧିକ ପ୍ରାଣବଳି ପଞ୍ଜାବୀମାନେ ଦେଇଛନ୍ତି। ୧୩.୦୪.୧୯୧୯ ରେ ଜାଲିଆନାୱାଲାବାଗ ନରସଂହାରରେ ୧୫୦୦ ଲୋକଙ୍କ ମୃତ୍ୟୁ ଓ ଶହ ଶହ ସଂଖ୍ୟାରେ ଆହତ ହୋଇଥିଲେ। ଦେଶପ୍ରେମ ଓ ଦେଶ ମାତୃକାର ରକ୍ଷା ପାଇଁ ସୈନ୍ୟ ବାହିନୀରେ ପଞ୍ଜାବୀ ମାନଙ୍କ ଅବଦାନ ଅଧିକ।



# ଶୁଣିବା ସମସ୍ୟା ଓ ଡିଜିଟାଲ୍ କାନ ମେସିନ୍‌ର ଆବଶ୍ୟକତା



Dr. Satyabrata Panigrahi

ସ୍ୱାସ୍ଥ୍ୟ

କାନ ମାନବ ଶରୀରର ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗ। ଆମେ ଯାହା ଶୁଣୁଛୁ, ତାହା ମନେ ରଖୁ । ତେଣୁ ଏହା ସ୍ମରଣ ଶକ୍ତି ସହିତ ଜଡ଼ିତ ଏବଂ ଶୁଣିବା କହିବା ମାଧ୍ୟମରେ ଆମେ ଲୋକଙ୍କ ସହିତ ଆମ ଭାବନାର ଅଦଳବଦଳ କରିଥାଉ । ଏହି ଶୁଣିବାର ଶକ୍ତି କମିଗଲେ ମାନସିକ ଓ ସାମାଜିକ ଜୀବନ ଦୁହିଁରେ ଅସୁବିଧା ହୁଏ।

ଆଗ ସମୟରେ ସମାଜରେ ଏହି ସମସ୍ୟାକୁ ଏତେ ଜଟିଳ ବୋଲି ମନେ କରାଯାଉ ନଥିଲା । ଆଜିକାଲିର ଗବେଷଣାରୁ ଜଣାପଡ଼ିଛି ଯେ ଠିକ୍ ସମୟରେ ଶୁଣିବା ଅସୁବିଧାର ଚିକିତ୍ସା ନକରିଲେ କିମ୍ବା କାନ ମେସିନ୍ ବ୍ୟବହାର ନକରିଲେ ଏହା ସ୍ମରଣ ଶକ୍ତିର ଅବକ୍ଷୟ ଏବଂ ମସ୍ତିସ୍କର ଶ୍ରବଣ କେନ୍ଦ୍ରର ସ୍ନାୟୁ କୋଷର କ୍ଷୟ କରାଇଥାଏ ।

**ଶୁଣିବା ଅସୁବିଧାର ପ୍ରକାର ଓ ମାପ – ଅଡିଓମେଟ୍ରୀ ପରୀକ୍ଷା :**

ସାଧାରଣତଃ ଶ୍ରବଣ ସମସ୍ୟା ତିନି ପ୍ରକାରର ହୋଇଥାଏ, ସେଥିରୁ କେତେକ ଅସୁବିଧା ମେଡ଼ିସିନ୍ ଏବଂ ଶଲ୍ୟ ଚିକିତ୍ସାରେ ଠିକ୍ ହୁଏ, କିନ୍ତୁ ଏହା ମଧ୍ୟରୁ ସେନ୍ସୋରି-ନିଉରାଲ ପ୍ରକାରର ଶ୍ରବଣ ସମସ୍ୟା ଅଧିକାଂଶ ସମୟରେ ସ୍ଥାୟୀ ଭାବରେ ଶୁଣିବା ଅସୁବିଧା କରାଇ ଥାଏ ଏବଂ ଡିଜିଟାଲ୍ କାନ ମେସିନ୍ ହିଁ ଏକ ମାତ୍ର ସମାଧାନ ହୋଇଥାଏ। ଶ୍ରବଣ ସମସ୍ୟା ଅତିଶ୍ୱଳ୍ପ, ମଧ୍ୟମ, ଗୁରୁତର ଓ ଅତିଗୁରୁତର ହୋଇପାରେ। ସ୍ଥାୟୀ ଶୁଣିବା ହାନି କେବଳ ବୃଦ୍ଧମାନଙ୍କ ଠାରେ ଦେଖା ଯାଏ ତାହା ନୁହେଁ, ଆମେ ଅଧିକାଂଶ ସମୟରେ ଭାବୁଛୁ – "ଶୁଣିବା ସମସ୍ୟା ବୃଦ୍ଧ ଲୋକଙ୍କ ସମସ୍ୟା।" କିନ୍ତୁ ସତ୍ୟ ହେଉଛି- ଶିଶୁ, ଯୁବକ, ମହିଳା, କାର୍ଯ୍ୟରତ ବ୍ୟକ୍ତି ବିଶେଷମାନଙ୍କର ଯେକୌଣସି ବୟସରେ ସ୍ଥାୟୀ ଶୁଣିବା ହାନି ହୋଇପାରେ। କାରଣ ହେଉଛି- ଲଗାତାର ଜୋର୍ ଶବ୍ଦରେ ଲମ୍ବା ସମୟ କାମ କରିବା । ବାରମ୍ବାର କାନର ଇନଫେକ୍ସନ୍ । ବଂଶଗତ ଶ୍ରବଣ ସମସ୍ୟା । ମସ୍ତିସ୍କ ଜ୍ୱର, ମସ୍ତିସ୍କ ଆଘାତ, ମସ୍ତିସ୍କ ଇନଫେକ୍ସନ୍ ଭଳି ରୋଗ । କିଛିଟା ଔଷଧର ପ୍ରତିକ୍ରିୟା (ଯାହାକୁ ଅଟୋଟକ୍ସିକ୍ ଡ୍ରଗ୍ କୁହାଯାଏ), ବୟସ ବୃଦ୍ଧି ଆଦି । ତେଣୁ ଯଦି କାନରେ ମନକୁ ମନ ଶବ୍ଦ (tinnitus), ଶବ୍ଦ ଭୁଲ ଶୁଣିବା, କିମ୍ବା ଲୋକଙ୍କ କଥା ବୁଝିବାରେ ଅସୁବିଧା ହେଉଛି, ଲାଗୁଛି ସବୁ ସମୟରେ ସାମ୍ନା ଲୋକ ଧୀରେ କଥା ହେଉଛନ୍ତି କିମ୍ବା ଘର ଲୋକ ଟିଭି ଭଲ୍ୟୁମ୍ କମେଇ ଦେଉଛନ୍ତି ତେବେ ପରୀକ୍ଷା କରାଇ ନିଅନ୍ତୁ । ତୁରନ୍ତ ଅଡିଓଲୋଜିଷ୍ଟଙ୍କ ପାଖକୁ ଯାଇ ହିଅରିଂ ଟେଷ୍ଟ (ଶ୍ରବଣ ପରୀକ୍ଷା) କରାନ୍ତୁ।

**ହିଅରିଂ ଏଡ୍ (କାନ ମେସିନ୍) କ'ଣ ଏବଂ କେମିତି କାମ କରେ ?**

ହିଅରିଂ ଏଡ୍ (କାନ ମେସିନ୍) ହେଉଛି ଏକ ଛୋଟ ଇଲେକ୍ଟ୍ରୋନିକ୍ ଯନ୍ତ୍ର ଯାହା ଶବ୍ଦକୁ ବୃଦ୍ଧି କରି ଆପଣଙ୍କ ଶୁଣିବା ସହଜ କରେ। ଡିଜିଟାଲ୍ ପ୍ରୋଗ୍ରାମେବଲ୍ ହିଅରିଂ ଏଡ୍ ଏକ ଉନ୍ନତ ଯନ୍ତ୍ର ଯେଉଁଠି ଶବ୍ଦକୁ ଫିଲ୍‌ଟର କରି ସ୍ୱଷ୍ଟ ଶବ୍ଦ ଦେଇଥାଏ ଏବଂ ଏହା କମ୍ପ୍ୟୁଟର ଦ୍ୱାରା ପ୍ରୋଗ୍ରାମିଙ୍ଗ ବା ଟ୍ୟୁନିଂ କରାଯାଇଥାଏ, ଯାହା ଆପଣଙ୍କର ଶୁଣିବା ପରୀକ୍ଷା ରିପୋର୍ଟ ଅନୁସାରେ ଅଡିଓଲୋଜିଷ୍ଟ୍ କରିଥାନ୍ତି । ଅଡିଓଲଜିଷ୍ଟ ଆପଣଙ୍କ କାନ ଓ ହିଅରିଂ ଲେବଲ୍ ଅନୁଯାୟୀ ତାହାକୁ ସେଟ୍ କରନ୍ତି।

**ଦୁଇଟି କାନରେ ଦୁଇଟି ହିଅରିଂ ଏଡ୍ କାହିଁକି ଦରକାର ?**

ଯେପରି ଦୁଇଟି ଆଖି ଏକାସାଥିରେ ଦେଖେ, ସେପରି ଦୁଇ କାନ ଏକାସାଥିରେ ଶୁଣେ। ଯଦି ମାତ୍ର ଗୋଟିଏ କାନରେ ମେସିନ୍? ଲଗାଯାଏ, ତେବେ ଶବ୍ଦର ଦିଗ ଓ ଦୂରତା ଠିକ୍ ଭାବେ ବୁଝି ପାରି ହୁଏ ନାହିଁ। ଦୁଇଟି ହିଅରିଂ ଏଡ୍ ବ୍ୟବହାରରେ ଶବ୍ଦ ସ୍ୱଷ୍ଟ ହୁଏ, ବୁଝିବା ସୁବିଧା ହୁଏ, ମସ୍ତିଷ୍କ ଦୁଇ କାନର ଶବ୍ଦକୁ ଭଲଭାବେ ପ୍ରୋସେସ୍ କରେ ଓ ସବୁ ଦିଗରୁ ସମାନ ଭାବେ ଶୁଣି କଥା ବୁଝିବା ସହଜ ହୋଇଯାଏ । ହିଅରିଂ ଏଡ୍ ସାଧାରଣ ବର୍ଗର, ଉନ୍ନତ ବର୍ଗର ଏବଂ ଅତି ଉନ୍ନତ ବର୍ଗର ଉପଲବ୍ଧ ।

**ସାଧାରଣ ବର୍ଗ ଡିଜିଟାଲ କାନ ମେସିନ୍ :** ସାଧାରଣ ଶବ୍ଦ ପରିବେଶ, ଘରେ ବ୍ୟବହାର ପାଇଁ ଉପଯୁକ୍ତ। ୧୦ ହଜାରରୁ ଆରମ୍ଭ ହୋଇଥାଏ । **ଉନ୍ନତ ମଡେଲ୍ :** ଅଫିସ୍, ବଜାର ଭଳି ଜାଗାରେ ଶବ୍ଦ କୋଳାହଳରେ ମଧ୍ୟ ଭଲରେ କଥାବାର୍ତ୍ତା ଶୁଣି ହୁଏ ଏବଂ ରିଚାର୍ଜ ହୋଇପାରେ । ୩୦ ହଜାରରୁ ଆରମ୍ଭ ହୋଇଥାଏ । **ଅତି ଉନ୍ନତ ମଡେଲ୍ :** ଅଟୋମେଟିକ୍ ଶବ୍ଦ ଆଡଜଷ୍ଟ, ମୋବାଇଲ୍ ଓ ବ୍ଲୁଟୁଥ୍‌ରେ ଯୋଡ଼ି ହୋଇ ପାରେ ଓ ଅତ୍ୟନ୍ତ ସ୍ୱଷ୍ଟ ଓ ପ୍ରାକୃତିକ ଶବ୍ଦର ଅଭିଜ୍ଞତା ଦେଇଥାଏ। ୧ଲକ୍ଷରୁ ଆରମ୍ଭ ହୋଇଥାଏ । ଅଡିଓଲଜିଷ୍ଟଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ । ହିଅରିଂ ଏଡ୍ କେବେ ମଧ୍ୟ "ଅନଲାଇନ୍"ରୁ କିଣନ୍ତୁ ନାହିଁ। ପ୍ରଶିକ୍ଷିତ ଅଡିଓଲଜିଷ୍ଟଙ୍କ ପରାମର୍ଶରେ ଟେଷ୍ଟ କରାଇ, ଯଥାଯୋଗ୍ୟ ମଡେଲ୍ ବାଛନ୍ତୁ। ସଠିକ୍ ସେଟିଂ ଓ ଟିଉନିଂ ଡିଜିଟାଲ କାନ ମେସିନ୍‌ର ପରିଣାମକୁ ବହୁତ ଉନ୍ନତ କରେ।

**ସନ୍ଦେଶ ସରଳ :** ଶୁଣିବା ସମସ୍ୟାକୁ ଅବହେଳା କରନ୍ତୁ ନାହିଁ। ସମୟରେ ଚିହ୍ନଟ କଲେ, ସଠିକ୍ ଯନ୍ତ୍ର ଓ ଚିକିତ୍ସାରେ ଜୀବନ ଆଉଥରେ ସ୍ୱଷ୍ଟ ଓ ସୁନ୍ଦର ହୋଇଯାଏ। "ପୁଣି ଥରେ ଶବ୍ଦକୁ ଶୁଣନ୍ତୁ, ଜୀବନକୁ ଅନୁଭବ କରନ୍ତୁ।"

*Ph.D. Scholar (Audiology), M.D. (E.H.), M.Sc (ASLP),*
*Ex-Asst.Prof. ,SGRD Medical University, Amritsar (Punjab)*

# ମୋନ୍ଥା ମୁକାବିଲା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ବୈଠକ

**ଖୋର୍ଦ୍ଧା (ଭିଓଭି) :** ଭାରତୀୟ ପାଣିପାଗ ସୂଚନା ଅନୁଯାୟୀ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ୨୫ ତାରିଖର ଅବପାତ ଓ ୨୬ ତାରିଖରେ ଗଭୀର ଅବପାତ ରୂପ ନେଇ ଆସନ୍ତା ଅକ୍ଟୋବର ୨୭ ତାରିଖରେ ବାତ୍ୟା ରୂପ ନେବାର ସମ୍ଭାବନା ରହିଛି । ଏହା ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ଏହାର ପ୍ରଭାବରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆମ୍ରିତ୍ ଋତୁରାଜ ଅଭାସି ମାଧ୍ୟମରେ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ବି ଡି ଓ, ତହସିଲଦାର, ସ୍ୱାସ୍ଥ୍ୟ, ଶିକ୍ଷ୍ୟା, ଗମନାଗମନ, ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ସେବା ବିଭାଗ, ପାନୀୟ ଜଳ ବିଭାଗ, ବେସାମରିକ ଯୋଗାଣ ବିଭାଗ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଭଳି ସମସ୍ତ ଅତ୍ୟାବଶ୍ୟକ ବିଭାଗର ଅଧିକାରୀମାନେ ସେମାନଙ୍କ ଅଧୀନ କର୍ମଚାରୀ ଓ ଅଧଃସ୍ତନ ଅଧିକାରୀମାନଙ୍କୁ ବାତ୍ୟା ମନ୍ଥା ମୁକାବିଲା ନିମନ୍ତେ ତୀକ୍ଷ୍ଣ ଦୃଷ୍ଟି ଓ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଅଧିକାରୀମାନେ ନିଜ କାର୍ଯ୍ୟ ମୁଖ୍ୟାଳୟରେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦେଶ ଦେଇଛନ୍ତି । ସମସ୍ତ ତହସିଲଦାର, ବିଡିଓମାନେ ନିଜ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବାସହ ଜିଲ୍ଲା କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି ।

ସେହିପରି ବର୍ଷା ହେବାର ରିପୋର୍ଟ ଦୈନିକ ଜିଲ୍ଲା କଣ୍ଟ୍ରୋଲ ରୁମକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ସଜାଗ ରହିବା ସହ ସେମାନଙ୍କ କର୍ମଚାରୀମାନଙ୍କୁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ସମସ୍ତ ଅତ୍ୟାବଶ୍ୟକ ଔଷଧ ସାମଗ୍ରୀ ପ୍ରସ୍ତୁତ କରି ରଖିବାକୁ ନିର୍ଦେଶ ଦେଇଛନ୍ତି । ପର୍ଯ୍ୟାପ୍ତ ପରିମାଣରେ ସାପ କାମୁଡା ଇଞ୍ଜେକସନ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହଜୁଦ କରି ରଖିବାକୁ ନିର୍ଦେଶ ଦେଇଛନ୍ତି । ଅଗ୍ନିଶମ ସେବା, ନିର୍ବାହୀ ଅଧିକାରୀ, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ରହିବାକୁ, ବନ୍ୟା ପ୍ଲାବିତ ଅଞ୍ଚଳରେ ଧନଜୀବନ ସୁରକ୍ଷା ପାଇଁ ବିଡିଓମାନେ ବହୁମୁଖି ବାତ୍ୟା ବନ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକୁ ସମସ୍ତ ସୁବିଧା ସହ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଡେପୁଟୀ କଲେକ୍ଟର, ଜରୁରୀ ସୁଶ୍ରୀ ଶ୍ରୀତପା ମିଶ୍ର ପ୍ରମୁଖ ଆଭାସି ବୈଠକରେ ଯୋଗ ଦେଇଥିଲେ ।

# ପାରାଦୀପରେ ହାଇଆଲର୍ଟ

**ପାରାଦୀପ (ଭିଓଭି):** ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଓଡ଼ିଶାର ଜଗତସିଂପୁର ଜିଲ୍ଲାର ପାରାଦୀପ ବନ୍ଦରରେ ସତର୍କତା ସୂଚନା ଜାରି କରାଯାଇଛି। ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ପୋଲିସ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇବା ସହ ସମସ୍ତଙ୍କୁ ସତର୍କ ରହିବାକୁ ଏବଂ ସମୁଦ୍ର ଭିତରକୁ ନଯିବାକୁ ବାରଣ କରିଛନ୍ତି। ନେହେରୁ ବଙ୍ଗଳା ମାଛ ଧରା ବନ୍ଦର, ଅଠରବାଙ୍କି, ଷଣ୍ଢକୁଡା, ନୂଆବଜାର, ଚୌମୁହାଣି ଭଳି



ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କତା ଜାରି କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଯେଉଁମାନେ ପୂର୍ବରୁ ସମୁଦ୍ରରେ ଅଛନ୍ତି ସେମାନଙ୍କୁ ତୁରନ୍ତ କୂଳକୁ ଫେରିବାକୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷରେ, ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ ସତର୍କତା ଗ୍ରହଣ କରିଛି ଏବଂ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛି। ରାଜ୍ୟ ସରକାର ମଧ ଏହି ଘୁର୍ଣ୍ଣିଝଡ଼ର ମୁକାବିଲା ପାଇଁ ପ୍ରସ୍ତୁତି ଦେଖାଇଛନ୍ତି ଏବଂ ବିପର୍ଯ୍ୟୟ ପରିଚାଳନା ବିଷୟରେ ଆଲୋଚନା କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ତେବେ ଆସନ୍ନ ବାତ୍ୟାରେ ଭୟଭୀତ ନହେବାକୁ ପ୍ରଶାସନ ପକ୍ଷରୁ କୁହାଯାଉଥିବା ବେଳେ ଅତୀତ ୧୯୯୯ ମସିହା ମହାବାତ୍ୟାକୁ ସ୍ମରଣ କରି ସାମାନ୍ୟ ଭୟଭୀତ ଅବସ୍ଥାରେ ଥିବା ସାଧାରଣ ଆଲୋଚନାରୁ ଜଣାପଡିଛି ।

# ମାଡ଼ି ଆସୁଛି ଭୀଷଣ ବାତ୍ୟା
# ୨୮ରେ ଲ୍ୟାଣ୍ଡଫଲ୍

**ଭୁବନେଶ୍ୱର (ଭିଓଭି) :**ସମୁଦ୍ର ଭିତରେ ବଳ ଗୋଟାଇ ଆଗକୁ ବଢୁଥିବା ଅବପାତର ଗତି ପଥକୁ ନେଇ ଆଇଏମଡିର ଆକଳନ ମନରେ ଛନକା ସୃଷ୍ଟି କରିଛି । ପୁଣି ଥରେ ଡରାଇଛି ବଂଗୋପସାଗରରେ ଦାନା ବାନ୍ଧୁଥିବା ସାମୁଦ୍ରିକ ଝଡ । ଓଡ଼ିଶାରେ ଯଦିଓ ସିଧାସଳଖ ମାଡ ହେବନି ବୋଲି ଆଇଏମଡି ଆକଳନ କରିଛି, ତଥାପି ଏହାର ପ୍ରଭାବ ଓଡ଼ିଶା ଉପରେ ପଡିବ ଏକଥା ପ୍ରାୟତଃ ସ୍ପଷ୍ଟ ହୋଇଛି । ପଛକୁ ପଛ ଆସୁଛି ୨ ଲଘୁଚାପ , ବାତ୍ୟା ଟାର୍ଗେଟରେ ଦକ୍ଷିଣ ଓଡ଼ିଶା । ଦକ୍ଷିଣପୂର୍ବ ବଂଗୋପସାଗରେ ସକ୍ରିୟ ଥିବା ଅବପାତ ବଳ ଗୋଟାଇ ଯେତିକି ଆଗକୁ ବଢୁଛି ସେତିକି ଭୟ ବଢୁଛି। ଆଇଏମିଡିର ଆକଳନକୁ ଦେଖି ମନରେ ଛନକା ପଶୁଛି। ଆଇଏମଡି ପକ୍ଷରୁ ଜାରି କରାଯାଇଥିବା ସମ୍ଭାବ୍ୟ ବାତ୍ୟାର ଗତିପଥ ଏମିତି ସମୁଦ୍ର ଭିତରେ ଗତି କରୁଛି ଅବପାତ । ୨୪ଘଣ୍ଟା ଭିତରେ ପଶ୍ଚିମ- ଉତ୍ତର- ପଶ୍ଚିମ ଦିଗରେ ଗତି କରି ଗଭୀର ଅବପାତରେ ପରିଣତ



ହେବ। ୨୭ ତାରିଖ ସକାଳ ବେଳକୁ ବାତ୍ୟାର ରୂପ ନେବ। ଭୀଷଣ ବାତ୍ୟା ଅବସ୍ଥାରେ ୨୮ତାରିଖ ସନ୍ଧ୍ୟାରୁ ରାତି ଭିତରେ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବ। ମଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଧ୍ୟରେ କାକିନଡ୍ଡା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ୯୦ରୁ ୧୦୦ କିମି ରହିବ। ଝଟକା ପବନର ବେଗ ସର୍ବାଧିକ ୧୧୦ କିମି ହୋଇପାରେ ।

ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ଅତିକ୍ରମ କରିବ ବୋଲି ଆଇଏମଡି ଆକଳନ କରିଥିଲେ ବି ଭୟ ଯାଇନି । ବାତ୍ୟାର କ୍ଷେତ୍ର ଓଡ଼ିଶାର କିଛି ଅଂଚଳ ପର୍ଯ୍ୟନ୍ତ ବ୍ୟାପିଥିବା ସ୍ପଷ୍ଟ ହେଉଛି । ସେହିପରି ଅନ୍ୟ ପାଣିପାଗ ସଂସ୍ଥାର ଆକଳନ ବି ଭୟ ବଢ଼ାଇଛି । ଜିଏଫଏସ୍ର ପୂର୍ବାନୁମାନ ଅନୁସାରେ ୨୮ରୁ ୨୯ ମଧ୍ୟରେ ଆନ୍ଧ୍ରପ୍ରଦେଶର ବିଶାଖପାଟନମ ନିକଟରେ ସ୍ଥଳଭାଗ ଛୁଇଁଲେ ବି ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଏହାର କ୍ଷେତ୍ର ଲମ୍ବିବ । ଆସନ୍ତାକାଲି ବାତ୍ୟାର ଗତିପଥ ନେଇ ଆହୁରି ଚିତ୍ର ସ୍ପଷ୍ଟ ହେବ ।

# ବାଲେଶ୍ୱରରେ ପ୍ରଶାସନ ସଜାଗ

**ବାଲେଶ୍ୱର (ଭିଓଭି) :** ଆଜି ବାଲେଶ୍ୱର କଲେକ୍ଟୋରେଟ୍‌ର ଓସ୍ୱାନ୍ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ହୋଇଛି ମନ୍ଥା ମୁକାବିଲା ଲାଗି ସମୀକ୍ଷା ବୈଠକ। ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରର ଅଧିକାରୀମାନେ ସଉପସ୍ଥିତ ଥିଲେ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଓ ହେଡ କ୍ୱାର୍ଟର ଲିଭ୍ ବାତିଲ କରାଯାଇଛି, ଯେପର୍ଯ୍ୟନ୍ତ ସ୍ଥିତି ସାଧାରଣ ହେଉନାହିଁ । ବିଡିଓ ମାନଙ୍କୁ ବାତ୍ୟା କେନ୍ଦ୍ର ଓ ସାଧନ- ସଂସାଧନ ମାନଙ୍କୁ ଯାଞ୍ଚ କରିବାକୁ, ଡିଜି ସେଟ୍‌ଗୁଡିକ ଚାଲୁ ଅବସ୍ଥାରେ ପରଖିବାକୁ ଓ ବରିଷ୍ଠ ଅଧିକାରୀମାନେ ପୁନଦର୍ଶନ କରି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଆର୍‌ଆଇ ସଦସ୍ୟମାନଙ୍କ ସହ ସମନ୍ୱୟ ରଖି ସମୀକ୍ଷା ବୈଠକ କରିବାକୁ ଓ ପୂର୍ବ ହିସାବ ସମ୍ପର୍କିତ ଜଟିଳତା ଦୂର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡେପୁଟି ଡିରେକ୍ଟର, ଫିସେରି ବିଭାଗକୁ ମାଛଧରାଳିମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଓ ସମସ୍ତ ବୋଟ୍ ମାଲିକ, ମାଛଧରାଳି ଓ ପିଆର୍‌ଆଇ ସଦସ୍ୟମାନଙ୍କ ସହ ଯଥୋଚିତ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଟିପିଏନ୍‌ଓଡିଏଲ୍ କର୍ମଚାରୀମାନଙ୍କୁ ଛୁଟି ନେବାକୁ ମନା କରାଯାଇଛି ଏବଂ ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ଟିମ୍ ଲିଡର ଓ ତାଙ୍କ ନିୟୋଜନ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଓଡ୍ରାଫ୍ ଓ ଅଗ୍ନିଶାମ ବିଭାଗକୁ ସମସ୍ତ ବୋଟ୍ ଓ ସାଧନକୁ ପରଖି ସଜାଗ ରହିବାକୁ ନିର୍ଦ୍ଦେଶ ମିଳିଛି। ସିଡିଏମ୍‌ଓଙ୍କୁ ସମସ୍ତ ଚିକିତ୍ସା ଦଳ, ଔଷଧ, ଟୀକା, ଆଣ୍ଟିଭେନମ୍, ହାଲୋଜେନ ଟାବଲେଟ ଆଦି ଷ୍ଟକ୍ ରଖିବାକୁ ଏବଂ ସିଏଚ୍‌ସି ଓ ପିଏଚ୍‌ସି ସ୍ତରରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଗଲା। ଡିଏସ୍‌ଡବ୍ଲ୍ୟୁଓଙ୍କୁ ଆସନ୍ତା କିଛି ଦିନରେ ସନ୍ତାନ ଜନ୍ମ ଆଶା କରୁଥିବା ଗର୍ଭବତୀ ମହିଳାମାନଙ୍କ ତାଲିକା ସଜାଇ ସିଡିଏମ୍‌ଓଙ୍କ ସହ ସମନ୍ୱୟ କରି ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତରିତ କରିବାକୁ କୁହାଯାଇଛି।

ଅଙ୍ଗନବାଡ଼ି କର୍ମୀମାନଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଓ ଜଳ ଯୋଗାଣ ବିଭାଗକୁ ପାଣି ବୋତଲ, ବ୍ଲିଚିଂ ପାଉଡର ଓ ଆବଶ୍ୟକ ସାଧନ ରଖିବାକୁ ନିର୍ଦ୍ଦେଶ ମିଳିଛି। ଆର୍‌ଆଣ୍ଡବି ଓ ଆର୍‌ଡି ବିଭାଗକୁ ବାଲି ବସ୍ତା ଦ୍ୱାରା କଟ୍ ଅଫ୍ ବା ଦୁର୍ବଳ ସ୍ଥାନଗୁଡିକରେ ବ୍ୟାରିକେଡିଂ କରିବାକୁ ଓ ଟ୍ରାକ୍ଟର, ଅର୍ଥ ମୁଭର୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ମ୍ୟୁନିସିପାଲଟି ଓ ଏନ୍ ଏ ସି କୁ ମଧ ସତର୍କ ରହି ସାଇକ୍ଲୋନ୍ କେନ୍ଦ୍ର ଓ ନିମ୍ନ ଅଞ୍ଚଳ ଗୁଡିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ମିଳିଛି। ସିଏସଓଙ୍କୁ ଚୁଡ଼ା, ଗୁଡ଼ ଓ ଶୁଖିଲା ଖାଦ୍ୟ ମହଜୁଦ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଡିଭିଓ ରାପିଡ୍ ଆକ୍ସନ୍ ଟିମ୍ ଓ ଏମ୍‌ଭିୟୁ ଦଳ ପ୍ରସ୍ତୁତ ଅଛି ବୋଲି ଜଣାଇଛନ୍ତି। ଗୋ-ଔଷଧ ଓ ଟୀକା ମହଜୁଦ ରଖାଯାଇଛି ଏବଂ ଖ୍ୟାତି ସମ୍ଭାବ୍ୟ ଗୁହାଳ ରେ ଥିବା ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଲାଇନ୍ ବିଭାଗମାନଙ୍କୁ ସତର୍କ ଓ ସକ୍ରିୟ ରହି ଯେକୌଣସି ସମୟରେ ବରିଷ୍ଠ ଅଧିକାରୀମାନଙ୍କ ସହ ସମ୍ପର୍କ ରଖିବାକୁ ଜୋର ଦିଆଯାଇଛି।



# ସଂପାଦକୀୟ

## ଥିଲେ ଥାଉ ପଛେ ଧନ ହଜାର ଅସୁସ୍ଥ ହେଲେ ସବୁ ଅସାର

ଏଇ ଅଳ୍ପ କିଛି ଦିନ ତଳର ତିନିଟି ଘଟଣା ମନକୁ ଏତେ ବିଚଳିତ କରିଛି ଯେ ମୁଁ ବାଧ୍ୟ ହେଇଛି ନିମ୍ନୋକ୍ତ 'ସମ୍ପାଦକୀୟ'ଟି ଲେଖିବା ପାଇଁ।

ମଧ୍ୟପ୍ରଦେଶର 'ଛିନ୍ଦୱାଡ଼ା'ରେ ନିଜ ଚାରିବର୍ଷର ଶିଶୁପୁତ୍ରକୁ ଚିରଦିନ ଲାଗି ହରାଇଥିବା ମା'ର କରୁଣ ବିଳାପ ଥିଲା 'କଫ ଔଷଧ ନାଁରେ ବିଷ ପିଆଇ ମୁଁ ନିଜ ହାତରେ ମୋ ପୁଅକୁ ମାରି ଦେଇଛି' । ଏହି କରୁଣ କ୍ରନ୍ଦନ ସମଗ୍ର ଦେଶରେ ଚହଳ ସୃଷ୍ଟି କରି ଜନସାଧାରଣଙ୍କ ହୃଦୟକୁ କ୍ଷତାକ୍ତ କଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ନିଜ ଶିଶୁ ପୁତ୍ରକୁ ଦେଇଥିବା କଫ ଶିରପ ହିଁ ବିଷାକ୍ତ ଥିଲା ଯାହାର ଫଳ ସ୍ୱରୂପ 'ଶିଶୁ'ଟିର ବୃକକ୍ ଅଚଳ ହୋଇ ପରିସ୍ରା ବନ୍ଦ ହୋଇ ପ୍ରାଣବାୟୁ ଉଡ଼ି ଯାଇଥିଲା। ଚୋର ଗଲା ପରେ ବୁଦ୍ଧି ଦିଶିବା ଭଳି, ଅନେକ ଜୀବନ ହାନି ହେବାପରେ ଏବେ ଦେଶର ସମସ୍ତ ଜାଗାରେ ସରକାରଙ୍କ ତରଫରୁ ଚଢାଉ ଜାରି ରହିଛି। ଆମେ ଭଗବାନ ଭଳି ଭରସା କରୁଥିବା ଡ଼ାକ୍ତର ଏବେ ପାଲଟିଛନ୍ତି ଯମ ଓ ଔଷଧ ପ୍ରସ୍ତୁତକାରୀ କେତେକ କମ୍ପାନୀ ସାଜିଛନ୍ତି କଂସେଇ। ଏଭଳି କଠିନ ସମୟରେ ଆମେ କିଭଳି ସଚେତନ ହେବା ଏବଂ ବଞ୍ଚିବା ତାହା ସମସ୍ତଙ୍କୁ ନିଷ୍ପତ୍ତି ନେବାର ଦୋଛକି'ରେ ଆଣି ପହଞ୍ଚାଇଛି।

ଦ୍ୱିତୀୟ ଘଟଣା କ୍ରମ ଅନୁସାରେ, କୋର୍ଟ ପାଖରେ ଚା' ପିଉଥିବା ସମୟରେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ବଙ୍କୁଲିବାଡ଼ି ଖଣ୍ଡେ ଧରି ବଡ କଷ୍ଟରେ ଗୋଟିଏ ପାଦ ଆଗକୁ ବଢ଼ି ଟିକେ ବିଶ୍ରାମ ପରେ ପୁଣି ଅନ୍ୟ ପାଦ ଆଗକୁ ବଢାଇ ଚାଲୁଥାନ୍ତି। ଚା' ଦୋକାନ ପାଖକୁ ଆସି ଚା' ପିଇ ଫେରିଯିବାକୁ ବାହାରିବା ବେଳେ ମୁଁ ନିଜକୁ ଅଟକାଇ ନପାରି ତାଙ୍କୁ ଗୋଡ ଖରାପର କାରଣ ଜାଣିବାକୁ ଚାହିଁଲି। ତାଙ୍କର ଉତ୍ତରରେ ମୁଁ ହତଚକିତ ହେଲି। ସେ କହିଥିଲେ ବାବୁ! ଦିନେ ମୁଁ ମଧ୍ୟ ଆପଣଙ୍କ ଭଳି ଥିଲି। ବାଇକ୍ ଧରିଲେ ଅଶି / ନବେ ସ୍ପିଡ୍, କାର ମଧ୍ୟ ବହୁ ସ୍ପିଡ୍‌ରେ ଚଲଉଥିଲି। ସକାଳୁ ଉଠି ପାର୍କରେ ଚାଲିବା ଠାରୁ ଆରମ୍ଭ କରି ଭଲିବଲ୍ ବି ଖେଳୁଥିଲି। ବେସରକାରୀ ଚାକିରିରେ ଯାହା ରୋଜଗାର ଥିଲା ସେଥିରେ ଘରସଂସାର ଖର୍ଚ୍ଚ ପରେ କିଛି ପଇସା ସଞ୍ଚୟ ବି କରୁଥିଲି। ହଠାତ୍ ଏକ ଦୁର୍ଘଟଣା ମୋର ଜୀବନ, ଜୀବିକା ଓ ସ୍ୱପ୍ନ ସବୁକୁ ଚୁରମାର୍ କରିଦେଲା। ଅସୁମାରି ସ୍ୱପ୍ନ ତ ମୋର ଧୂଳିସାତ ହୋଇଗଲା ଓ ଜୀବନ ଜିଇଁବା ପାଇଁ ମଧ୍ୟ ଦୁର୍ବିସହ ହେଲା, ଯାହାକି ଆଜି ଆପଣ ଦେଖୁଛନ୍ତି। ଅକ୍ଷମ, ଅକର୍ମଣ୍ୟ ଲୋକକୁ କୋଉ ବେସରକାରୀ ସଂସ୍ଥା ବସାଇ ଦରମା ଦେବ ? ରୋଜଗାରିଆ ପୁଅ-ଝିଅଙ୍କ ପାଇଁ ଆଜି ମୁଁ ବଞ୍ଚିଛି କହି ଆଖି ତାଙ୍କର ଛଳଛଳ ହୋଇ ଯାଇଥିଲା।

ତୃତୀୟ ହୃଦୟଥରା ଘଟଣାଟି ହେଲା ମୋର ଘର ପାଖରେ ରହୁଥିବା ଜଣେ ଗରିବ ମହିଳାଙ୍କର, ଯିଏ ମନ୍ଦିରରୁ ଫେରିବା ବାଟରେ ଝୁଣ୍ଟି ପଡ଼ି ଗୋଡ ଭାଙ୍ଗିଯିବା ପରେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିଲେ। ପରେ କିନ୍ତୁ ମୂଲ ଲାଗି ଘର ଚଳାଉଥିବା ପୁଅ ତାଙ୍କୁ ଘରକୁ ନେଇଆସିଲେ। ମାଗଣା ଚିକିତ୍ସା ନିମନ୍ତେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ (ଏବେ ଗୋପବନ୍ଧୁ ଜନ ଆରୋଗ୍ୟ) କାର୍ଡ ଥାଇ ମଧ୍ୟ ପରବର୍ତ୍ତୀ ଚିକିତ୍ସା ହୋଇ ପାରିନଥିଲା। ତା'ର କାରଣ ପୁଅକୁ ପଚାରିବାରୁ ତା'ର ଉତ୍ତର ମତେ କେବଳ ଭାରାକ୍ରାନ୍ତ କରିନଥିଲା ବରଂ ଏକ ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା। ସେ କହିଲା ଚିକିତ୍ସା ସିନା ମାଗଣା ହୋଇଯିବ କିନ୍ତୁ ତା' ପାଖରେ ରହିବ କିଏ ? ମୁଁ ଯଦି ରହିବି ତେବେ ଘର ଚଳିବ କେମିତି ? ସତ କଥା ମଧ୍ୟ। କାମ ଧନ୍ଦା ସବୁ ବନ୍ଦ କରି ଡାକ୍ତରଖାନାରେ ରହିବ ବା କିଏ ? ସ୍ୱତଃ ମୋର ମନକୁ ପ୍ରଶ୍ନ ସହ କିଛି ଉତ୍ତର ଆସିଲା ଯେ ସେତେବେଳେ ଯୌଥ ପରିବାର ଥିଲା, ଭଲ ଥିଲା। ସୁଖ ଆଉ ଦୁଃଖକୁ ଜଣେ ଅନ୍ୟମାନଙ୍କୁ ବାଣ୍ଟି ପାରୁଥିଲା।

ଉପରୋକ୍ତ ତିନିଟି ଘଟଣା ମନକୁ ଭାରି ଆକ୍ତାମାକ୍ତା କରିଦେଲା। ପ୍ରଥମ ଘଟଣାରେ ବିଶ୍ୱାସରେ ହଳାହଳ ବିଷ, ଦ୍ୱିତୀୟରେ ସବୁ ଥିଲା, କିନ୍ତୁ ସ୍ୱାସ୍ଥ୍ୟ ଖରାପ ପରେ ସବୁ ଯେମିତି ବିଗିଡିଗଲା। ତୃତୀୟ ଘଟଣାରେ ପାଖରେ ଚିକିତ୍ସାର ସବୁ ସୁବିଧା ଥାଇ ମଧ୍ୟ ଦୁର୍ଘଟଣା ପରେ ଉତ୍ତମ ଚିକିତ୍ସା ହେଲାନି ବରଂ ପଡ଼ିପଡ଼ି ଜୀବନ ଚାଲିଯିବାକୁ ବସିଲା। ଏ ତିନିଟି ଦୃଷ୍ଟାନ୍ତ ମୋ ମନରେ ଯେଉଁ ମାନସିକ ଦ୍ୱନ୍ଦ୍ୱ ଉପୁଜାଇଛି ସେଥିରୁ ବାହାରିବା ଏକରକମ୍ ମୁସ୍କିଲ୍ ହେଇପଡୁଛି। ଆଜି ଏମିତି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ କାହା ପାଇଁ ଯଦି ମୁଁ ଈଶ୍ୱରଙ୍କ ନିକଟରେ କିଛି ବି ମାଗିବି ତାହା କେବଳ ସଭିଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ନିରୋଗ ଜୀବନ। ଏହି ଘଟଣା କ୍ରମରେ ନବମ ଶ୍ରେଣୀ ସଂସ୍କୃତରେ ପଢିଥିବା ଏକ ଶ୍ଳୋକ ମନେ ପଡ଼ି ଯାଉଛି।

यौवनं धनसम्पत्ति: प्रभुत्वमविवेकिता ।
एकैकमप्यनर्थाय किमु यत्र चतुष्टयं ॥

# ଜଣେ ବିଦ୍ରୋହୀ ଆତ୍ମାର 'ଆତ୍ମଜୀବନୀ'

**ଅରୁନ୍ଧତୀ ରାୟଙ୍କ ପ୍ରକାଶିତ ଆତ୍ମଜୀବନୀ 'ମଦର ମେରି କମ୍ସ ଟୁ ମି' ପଢ଼ିବା ପରେ ଲାଗୁଛି ଏହାକୁ ମୁଁ ଭୁଲ ଅନୁବାଦ କରୁଥିଲି। ପ୍ରବନ୍ଧ ସଂକଳନର ଓଡ଼ିଆ ନାମ ହେବ 'ମୋ ବିଦ୍ରୋହୀ ଆତ୍ମା' ଓ 'ମଦର ମେରି କମ୍ସ ଟୁ ମି' ଯଥାର୍ଥରେ ଜଣେ ବିଦ୍ରୋହୀ ଆତ୍ମାର ଆତ୍ମଜୀବନୀ।**

ଅରୁନ୍ଧତୀ ରାୟଙ୍କ ୨୦୧୯ରେ ପ୍ରକାଶିତ ଏକ ପ୍ରବନ୍ଧ ସଂକଳନର ଇଂରାଜୀ ନାମ ହେଉଛି 'ମାଇଁ ସେଡିସିୟସ ହାର୍ଟ'। ମୁଁ ଏହାର ଓଡ଼ିଆ କରୁଥିଲି 'ମୋ ଦେଶଦ୍ରୋହୀ ହୃଦୟ'। ଅରୁନ୍ଧତୀଙ୍କ ସଦ୍ୟ ପ୍ରକାଶିତ ଆତ୍ମଜୀବନୀ 'ମଦର ମେରି କମ୍ସ ଟୁ ମି' ପଢ଼ିବା ପରେ ଲାଗୁଛି ଏହାକୁ ମୁଁ ଭୁଲ ଅନୁବାଦ କରୁଥିଲି। ପ୍ରବନ୍ଧ ସଂକଳନର ଓଡ଼ିଆ ନାମ ହେବ 'ମୋ ବିଦ୍ରୋହୀ ଆତ୍ମା' ଓ 'ମଦର ମେରି କମ୍ସ ଟୁ ମି' ଯଥାର୍ଥରେ ଜଣେ ବିଦ୍ରୋହୀ ଆତ୍ମାର ଆତ୍ମଜୀବନୀ।

ଏହି ଆତ୍ମଜୀବନୀଟି (ଲେଖିକା ଯଦିଓ ଏହାକୁ ଜଣେ ଝିଅ ଦ୍ୱାରା ଲିଖିତ ମା'ର ଜୀବନୀ କହୁଛନ୍ତି) ପଢ଼ିବା ଭିତରେ ମୁଁ ଅବଶ୍ୟ ବାରମ୍ବାର ଧୋକା ଖାଉଥିଲି - ମୁଁ କୌଣସି ଉପନ୍ୟାସ ପଢୁନାହିଁ ତ ! ଉପନ୍ୟାସର ଭାଷା, ଘଟଣା, ଏହା ପଛର କାରଣ ପୁଣି ଉତ୍ସୁକତା ଏହାକୁ ତାଙ୍କର ପ୍ରଥମ ଉପନ୍ୟାସ ('ଗଡ ଅଫ ସ୍ମଲ ଥିଙ୍ଗ୍‌ସ') ଭଳି କରିଛି। ନିଜ ସମ୍ପର୍କୀୟମାନଙ୍କ ବର୍ଣ୍ଣନା ସମୟରେ ଆପେ ଆପେ ଆସିଯାଇଛି ପୌରାଣିକ ଚରିତ୍ରର (ବାଇବେଲ) ଅଜବ ବ୍ୟବହାର ସାଙ୍ଗକୁ ସାମଞ୍ଜସ୍ୟ ରଖୁଥିବା ବିଶ୍ୱ ସାହିତ୍ୟର ବିଭିନ୍ନ ଚରିତ୍ର ଅଥବା ଅନେକ ବିଖ୍ୟାତ ବ୍ୟକ୍ତିଙ୍କ ଜୀବନ। ଏହିଥିରୁ ବୁଝା ପଡୁଛି ଯେ ଅରୁନ୍ଧତିଙ୍କ ପ୍ରଥମ ଉପନ୍ୟାସ 'ଗଡ ଅଫ ସ୍ମଲ ଥିଙ୍ଗ୍‌ସ'ର ଅନେକ ଚରିତ୍ର ଆଦୌ କାଳ୍ପନିକ ନୁହନ୍ତି। ସେମାନେ ତାଙ୍କ ବ୍ୟକ୍ତିଗତ ଜୀବନରେ ରହିଥିବା ବିଭିନ୍ନ ଚରିତ୍ର।

ଅରୁନ୍ଧତୀଙ୍କ ପିଲାବେଳ ଏହିପରି: ୧୯୬୨ର ଚୀନ ଯୁଦ୍ଧ ସମୟରେ ଆସାମରୁ ଚାଲିଆସି କଲିକତାରେ ରହିଥିବା ମେରୀ ରାୟ ଯୁଦ୍ଧ ସରିବା ପରେ ସ୍ୱାମୀଙ୍କ ସହିତ ଆସାମ ଫେରିବାକୁ ମନା କରିଦେଇଛନ୍ତି। ସେ କେରଳର କୋଟ୍ଟାୟମ ସହରକୁ ଫେରିଆସି ସେଠାରେ ରୋଟାରୀ କ୍ଲବର ଅବ୍ୟବହୃତ ସ୍ଥାନରୁ ଆରମ୍ଭ କରନ୍ତି ନିଜର ସ୍କୁଲ (ଯେଉଁଠି ନିଜ ପୁଅ ଓ ଝିଅ ମଧ୍ୟ ସ୍କୁଲର ଛାତ୍ରଛାତ୍ରୀ) ଓ ବାପାର ସମ୍ପତ୍ତି ଉପରେ ଝିଅର ସମାନ ଅଧିକାରକୁ ସାବ୍ୟସ୍ତ କରିବା ଲାଗି ଟ୍ରାଭନକୋର ଖ୍ରୀଷ୍ଟିୟାନ ସକସେସନ ଆକ୍ଟ ବିରୁଦ୍ଧରେ ଆଇନଗତ ଲଢ଼େଇ। ସୁପ୍ରିମକୋର୍ଟ ମେରି ରାୟଙ୍କ ସପକ୍ଷରେ ରାୟ ଦିଅନ୍ତି ଯେ ଖ୍ରୀଷ୍ଟିୟାନ ପରିବାରରେ ବାପାର ସମ୍ପତ୍ତି ଉପରେ ଝିଅର ଅଧା ଅଧିକାର ରହିଛି। ଏହାପରେ ନିଜ ଭାଗର ସମ୍ପତ୍ତି ଉପରେ ସେ ଅଧିକାର ସାବ୍ୟସ୍ତ କରିଛନ୍ତି। ମେରୀ ରାୟଙ୍କ ସ୍କୁଲ ଅଞ୍ଚଳରେ ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଛି ଓ ସେ ଜଣେ ଶିକ୍ଷାବିତ ଭାବରେ କେରଳରେ ମାନ୍ୟତା ପାଇଛନ୍ତି।

ସ୍କୁଲର ସଫଳତା ମା' (ମେରୀ ରାୟ) ଓ ଝିଅ (ଅରୁନ୍ଧତୀ ରାୟ) ମଧ୍ୟରେ ଯୋଜନ ଯୋଜନ ଦୂରତା ବଢ଼ାଇଛି। ମା' ଚାହୁଁଛନ୍ତି ସ୍କୁଲର କ୍ରମଶଃ ଦାୟିତ୍ୱ ଝିଅ ନେଉ (ପୁଅ ନୁହେଁ)। ତେଣୁ ସେ ବାରମ୍ବାର ଝିଅକୁ ଚେତାଇ ଦେଉଛନ୍ତି ଯେ ତାହା ପଛରେ ଖର୍ଚ୍ଚ ହେଉଥିବା ସମସ୍ତ ଅର୍ଥ ଏକ ଏକ 'ପୁଞ୍ଜିଲଗାଣ'। ମାତ୍ର ଝିଅ ଧରିନେଇଛି ଯେ ନିଜକୁ ମା' ରୂପୀ 'ବ୍ୟାଙ୍କର'ଠାରୁ ଯଥାଶୀଘ୍ର ମୁକ୍ତି ଆବଶ୍ୟକ। ଏହି 'ପୁଞ୍ଜିଲଗାଣଲାରୀ ପ୍ରକଳ୍ପ' ଓ 'ବ୍ୟାଙ୍କର'ର ଲଢ଼େଇକୁ ଯଦିଓ ବାଧ-ଅବାଧ ମଧ୍ୟରେ ଏଲକେସି (ମେରୀ ରାୟଙ୍କ ବଡ଼ ପୁଅ) ନିଜକୁ 'ଖାପ ଖୁଆଇ ନେଇଛନ୍ତି' କିନ୍ତୁ ମେରି ରାୟଙ୍କ ଜୀବନରୁ ସବୁଦିନ ଲାଗି 'ଗେଟ ଆଉଟ' ହୋଇ ଅରୁନ୍ଧତୀ ଚାଲି ଆସିଛନ୍ତି ବହୁ ଦୂରକୁ, କେରଳରୁ ଦିଲ୍ଲୀକୁ। ଶପଥ ନେଇଛନ୍ତି ନିଜ ଲାଗି ପଢ଼ା ଖର୍ଚ୍ଚ ପାଇଁ ମା' ଉପରେ କେବେ ବି ନିର୍ଭର କରିବେ ନାହିଁ।

ଜଣେ ୧୮ ବର୍ଷର ବାଳିକା ଲାଗି ରାଜଧାନୀ ଦିଲ୍ଲୀ ସହରରେ ଏକୁଟିଆ ବଞ୍ଚିବା ଭିତରେ ଘଟୁଥିବା ଘଟଣା ଦେଶର ସାମାଜିକ ଚିତ୍ରକୁ ବର୍ଣ୍ଣନା କରୁଛି। ଘଟଣାର କ୍ରମ ଏହିପରି: ଆର୍କିଟେକଚର କଲେଜରେ ନାମ ଲେଖାଇବା, କଲେଜ କ୍ୟାଣ୍ଟିନରେ ଲୁଚି ଲୁଚି ରାତି ବିତାଇବା, ପାଠ ପଢ଼ା ସହିତ ପାର୍ଟ ଟାଇମ କାମ ଖୋଜିବା, ସାମାନ୍ୟ ଅର୍ଥ ହେବା ପରେ ଜୁମା ମସଜିଦ ପାଖରେ ଅତି ଛୋଟ ଘର ନେବା, ଅନେକ ଥର ଅନାହାର ମଧ୍ୟରେ ରହିବା, ଯୌନ ଉତ୍ପୀଡ଼କମାନଙ୍କୁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବା, ପଢ଼ା ସାରିବାର ଠିକ ପରେ ପରେ ଏକ ଫିଲ୍ମରେ ଅଭିନୟ ଲାଗି ସୁଯୋଗ ପାଇବା (ମାସୀ ସାହେବ), ପରେ ଫିଲ୍ମ ଲାଗି ସ୍କ୍ରିପ୍ଟ ଲେଖିବା, ପ୍ରେମ, ବିବାହ, ଆର୍ଥିକ ସଂଘର୍ଷ ଭିତରେ ନିଜର ପ୍ରଥମ ଉପନ୍ୟାସ ଲେଖିବା, ଲେଖା କାରଣରୁ ରାଷ୍ଟ୍ର ଶକ୍ତିର ଦମନକୁ ସାମ୍ନା କରିବା ଓ ସେହି ଦମନରୁ ସ୍ୱାମୀକୁ ଅଲଗା ରଖିବା ଲାଗି ବିଚ୍ଛେଦ ପାଇଁ କୋର୍ଟରେ ଆବେଦନ କରି ଅର୍ଡର ପାଇବା। ସେ ଏକୁଟିଆ ରହିଥିବା ସମୟରେ ସମାଜକୁ ସାମ୍ନା କରିବା ଭିତରେ ଅନେକ ସାହସ ନିଜ ମଧ୍ୟରେ ଏକାଠି କରିଛନ୍ତି ଯାହା ଆଜି ଆମେ ତାଙ୍କୁ ରାଷ୍ଟ୍ର ଓ ସାମ୍ପ୍ରଦାୟିକ ଶକ୍ତିକୁ ସାମ୍ନା କରିବା ସମୟରେ ଦେଖୁଛୁ।

**ଦେବରଂଜନ ଷଡ଼ଙ୍ଗୀ**


ଅରୁନ୍ଧତୀ ରାୟ

ଦୀର୍ଘ ଚାରି ବର୍ଷ ପରିଶ୍ରମ କରି ପ୍ରଥମ ଉପନ୍ୟାସ 'ଗଡ ଅଫ ସ୍ମଲ ଥିଙ୍ଗସ' ଲେଖିବା ପରେ ସେ ସ୍ୱୀକାର କରନ୍ତି ଯେ ତାଙ୍କ ଜୀବନରେ କିଛି ବଳକା ଅର୍ଥ ସୃଷ୍ଟି ହୋଇଥିଲା। ଏହି ଉପନ୍ୟାସ ୧୯୯୭ ମସିହାରେ ବୁକର ପୁରସ୍କାର ପାଇଥିଲା। ବହି ରୟାଲିଟି ଆସିବା ପରେ ନିଜ ଜୀବନରେ ଅର୍ଥକୁ ନେଇ ଚାଲିଥିବା ସଂଘର୍ଷର ପରିସମାପ୍ତି ଘଟାଇବା, ରୟାଲିଟି ଅର୍ଥ ମଧ୍ୟରୁ ନିଜ ପାଇଁ କିଛି ରଖି ଅନେକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ ଲାଗି ଅର୍ଥ ପଠାଇବା ଅରୁନ୍ଧତୀଙ୍କ ଜୀବନର ଏକ ବଡ଼ ଅଂଶ। କ୍ୱଚିତ ଲେଖିକା କି ଲେଖକ ଆମେ ପାଇଛୁ ଯିଏ ଦେଶର ଅନେକ ଜନ ସଂଗଠନ ଓ ଜନ ଆନ୍ଦୋଳନମାନଙ୍କୁ ନିଜ ପୁରସ୍କାର ରାଶି ଦେଇଛନ୍ତି।

ବୁକର ପୁରସ୍କାରର ଅର୍ଥ ଦେଶର ୨୩ଟି ସଂଗଠନକୁ, ୨୦୦୨ ମସିହାରେ ଏକ କାଳୀନ ଦୁଇ ଲକ୍ଷ ଟଙ୍କାରୁ ଦଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ସେ ସମୟରେ ଲେଖିକା ଦେଇଥିବା ମୁଁ ଜାଣିଛି। ସେହି ସଂଗଠନ ମଧ୍ୟରେ ଆଦିବାସୀ ଅଧିକାର ସଂଗଠନ, ବିସ୍ଥାପନ ବିରୋଧୀ ସଂଗଠନ, ତଥ୍ୟ ଜାଣିବାର ଅଧିକାର ସଂଗଠନ, କୃଷକ ସଂଗଠନ ଓ ଟ୍ରେଡ ୟୁନିଅନ ଅଛନ୍ତି ଯଦିଓ ଏ ସମ୍ପର୍କରେ ଆତ୍ମଜୀବନୀରେ ଉଲ୍ଲେଖ କରିନାହାନ୍ତି। ସେମାନଙ୍କ ମଧ୍ୟରେ ପୁଣି ଅଛନ୍ତି ମାନବିକ ଅଧିକାର ଲାଗି କାମ କରୁଥିବା ଅନେକ ବୃତ୍ତଚିତ୍ର ନିର୍ମାତା (ମୁଁ ନିଜର 'ଦୋଛକିରେ' ଫିଲ୍ମ ଲାଗି ଆର୍ଥିକ ସହଯୋଗ ମଧ୍ୟ ପାଇଥିଲି), ଗବେଷକ, ଲେଖକ, ମ୍ୟୁଜିକ କମ୍ପୋଜର ପ୍ରମୁଖ। ଏହି କାର୍ଯ୍ୟ ପ୍ରାୟ ୧୦-୧୨ ବର୍ଷ ଚାଲିଥିଲା। ଏହା ପରେ ଅର୍ଥ ସରିଯାଇଛି ଓ ଏହା ସହିତ ସଂଗଠନ ଓ ବ୍ୟକ୍ତିବିଶେଷମାନଙ୍କୁ ସହଯୋଗ ମଧ୍ୟ ବନ୍ଦ ହୋଇଛି।

ଭାରତର ଅଧିକାଂଶ ମହିଳାଙ୍କ ଭଳି ଲେଖିକା ମଧ୍ୟ ଯୌନ ଉତ୍ପୀଡ଼କଙ୍କୁ ସାମ୍ନା କରିଛନ୍ତି, ସେଲେବ୍ରିଟି ଲେଖିକା ହେବା ପୂର୍ବରୁ। ଆଠ ଦର୍ଶ ବର୍ଷର ଝିଅ (ଅରୁନ୍ଧତୀ ରାୟ) ସାମୟିକ ଭାବରେ ମା'ର ଏକ ବନ୍ଧୁଙ୍କ ଘରେ ରହିଥିବା ସମୟରେ ସେହି ଘରର ଅତି ସମ୍ମାନଜନକ ବୟସ୍କ ବ୍ୟକ୍ତି, 'କୋଟ୍ଟାୟମ ସାଣ୍ଟା'ଙ୍କ ଯୌନ କେଳେଙ୍କାରୀ ଚରିତ୍ର ସମ୍ପର୍କରେ ଲେଖିକା ଲେଖୁଛନ୍ତି, 'ଯେତେବେଳେ ସେହି ଜେଜେ ବାପାଙ୍କୁ ସମସ୍ତେ ଅତି ଭଲ ମଣିଷ ଭାବରେ ଦେଖୁଥିଲେ ସେତେବେଳେ ମୁଁ ତାଙ୍କୁ ମଣିଷ ରୂପୀ ଚଷମା ଲଗା ଏକ ଘୁଷୁରି ଯିଏ ଖାଇବା ଟେବୁଲର ଆର ପାଖରେ ମୋ ସହିତ ବସିଛି ଭଳି ଦେଖୁଥିଲି।' - ଆତ୍ମଜୀବନୀ (ମଦର ମେରି କମ୍ସ ଟୁ ମି) ଜୀବନରେ ସେ ପୁଣି ଥରେ କୋଟ୍ଟାୟମ ସାଣ୍ଟାମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି ମଧ୍ୟପ୍ରଦେଶର ପାପରିୟା ବସଷ୍ଟପରେ, 'ମାସି ସାହେବ' ଫିଲ୍ମର ଶୁଟିଙ୍ଗ ସ୍ଥାନକୁ ଯିବା ଲାଗି ସନ୍ଧ୍ୟା ସମୟରେ ବସକୁ ଅପେକ୍ଷା କରିଥିବା ବେଳେ। ଆମର ପୁରୁଷତାନ୍ତ୍ରିକ ସମାଜ ନାରୀର ଇଚ୍ଛା ବିରୁଦ୍ଧରେ ତାହାର ଶରୀର ଉପରେ ନିଜର ହକ ସାବ୍ୟସ୍ତ କରିବାରେ ଅଧିକ ଖୁସି ପାଇଥାଏ। ଦୀର୍ଘ ବର୍ଷର ସ୍ୱାଧୀନତା ପରେ ବି ଆମ ପରିବାରରେ ପୁଅ ଛୁଆ କେଉଁଭଳି ଜଣେ ମହିଳାଙ୍କ ପ୍ରତି ଆଚରଣ କରିବ ତାହାର ଶିକ୍ଷା ପାଇ ପାରିଲା ନାହିଁ।

ଯଦିଓ ଅରୁନ୍ଧତୀଙ୍କ ପ୍ରଥମ ଉପନ୍ୟାସ 'ଗଡ ଅଫ ସ୍ମଲ ଥିଙ୍ଗ୍‌ସ' ବା 'କ୍ଷୁଦ୍ରବସ୍ତୁମାନଙ୍କ ଦେବତା' ଭାରତର ଅନେକ ଭାଷାରେ ଅନୁବାଦିତ ହୋଇଯାଇଛି କିନ୍ତୁ ଦୀର୍ଘ ୨୮ ବର୍ଷ ପରେ ବି ଏହା ଓଡ଼ିଆରେ ପ୍ରକାଶିତ ହୋଇନାହିଁ। ଓଡ଼ିଆ ଅନୁବାଦକମାନେ କେବେ ଏ ଦିଗରେ ଉଦ୍ୟମ କରିନାହାନ୍ତି ଓ ଓଡ଼ିଆ ପ୍ରକାଶକମାନେ ଏ ଦିଗରେ ଅର୍ଥ ଖର୍ଚ୍ଚ କରିବା ଲାଗି ଆଗ୍ରହୀ ହୋଇନାହାନ୍ତି। ତେଣୁ ଯେଉଁଠି 'ଗଡ ଅଫ ସ୍ମଲ ଥିଙ୍ଗ୍?ସ' ଭଳି ଉପନ୍ୟାସ ଓଡ଼ିଆ ହୋଇପାରିନାହିଁ ସେଠାରେ ଦ୍ୱିତୀୟ ଉପନ୍ୟାସ 'ଦି ମିନିଷ୍ଟ୍ରି ଅଫ ଅଟମୋଷ୍ଟ ହାପିନେସ' ଓ ଆତ୍ମଜୀବନୀ ''ମଦର ମେରି କମ୍ସ ଟୁ ମି' ଯେ କେବେ ଓଡ଼ିଆ ହେବ ତାହା କହିବା ମୁସ୍କିଲ।

ମୋବାଇଲ - ୯୪୩୭୭୬୨୨୭୨

# ଅଭିଯୋଗ ସମାଧାନ ଆପ୍ ଲୋକାର୍ପିତ





**ପାରାଦୀପ (ଭିଓଭି) :** କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ୧୨୫ତମ ଜନ୍ମ ଜୟନ୍ତୀ ଅବସରରେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ପକ୍ଷରୁ ପାରାଦୀପର ଜୟଦେବ ସଦନ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ତଥା ଲୋକପ୍ରିୟ ମନ୍ତ୍ରୀ ଏବଂ ଟ୍ରଷ୍ଟ ର ସଭାପତି ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଥମେ ସାମନ୍ତଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ସେ ପାରାଦୀପ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଇଁ ଆମ୍ବୁଲାନ୍ସ ଓ ଅଭିଯୋଗ ସମାଧାନ ମୋବାଇଲ ଜନସେବା ଆପ୍ଲିକେଶନକୁ ଉଦଘାଟନ କରିଥିଲେ । ମୋବାଇଲ ପ୍ଲେ ଷ୍ଟୋରରେ ଏହି ଆପ୍ଲିକେସନଟି ଉପଲବ୍ଧ ରହିଛି ଏବଂ ଯେକୌଣସି ବ୍ୟକ୍ତି ଏଥିରେ ପଞ୍ଜିକୃତ ହୋଇ ଆମ୍ବୁଲାନ୍ସ ସେବା ସହ ଜନ ଅଭିଯୋଗ ସେବା ବିନା ଶୁଳ୍କରେ ପାଇପାରିବେ । ତେବେ ରାଜ୍ୟର ପ୍ରଥମ ମନ୍ତ୍ରୀ ଭାବେ ନିଜସ୍ୱ ପ୍ରଚେଷ୍ଟାରେ ସମ୍ପଦ ସ୍ୱାଇଁ ଏହି ସେବାର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୁଇଟି ନୂତନ ଆମ୍ବୁଲାନ୍ସକୁ ନଡ଼ିଆ ବାଡେଇ ଓ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଏହି ଦୁଇଟି ଆପ୍ ସେବା ପ୍ରଦାନକାରୀ ବ୍ୟବସ୍ଥା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ପରି କାର୍ଯ୍ୟ କରିବ ବୋଲି କହିଥିଲେ । ତେବେ ନାରାୟଣ ବୀରବର ସାମନ୍ତ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ପାରାଦୀପ ବନ୍ଦର ନିର୍ମାଣର ଜଣେ ପୁରୋଧା ଥିବା ସତ୍ତ୍ୱେ ସେ ଲୋକଲୋଚନକୁ ନଆସିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ତାଙ୍କର ପ୍ରତ୍ୟେକ ଜନ୍ମତିଥିରେ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କର ତ୍ୟାଗ ଓ ସମାଜସେବା ବିଷୟରେ ସାଧାରଣରେ ସଚେତନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତପନ ସାମନ୍ତରାୟ, ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ଉପସଭାନେତ୍ରୀ କଳ୍ପନା ସୁତାର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ ।

# ସ୍କ୍ରବ୍ ଟାଇଫସ୍‌ରେ ଦୁଇ ମୃତ : ୧୫୪୬ ଆକ୍ରାନ୍ତ

**ସୁନ୍ଦରଗଡ (ଭିଓଭି) :** ସୁନ୍ଦରଗଡ଼ରେ ବଢୁଛି ସ୍କ୍ରବ୍ ଟାଇଫସ୍ ରୋଗୀଙ୍କ ସଂଖ୍ୟା । ଚିଗର ପୋକ କାମୁଡ଼ାରୁ ହେଉଥିବା ଏହି ରୋଗରେ ଚଳିତ ବର୍ଷ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୪୬ ଜଣ ଆକ୍ରାନ୍ତ ଅଛନ୍ତି । ଖାସ୍‌କରି ଅକ୍ଟୋବର ମାସରେ ଏହି ରୋଗୀଙ୍କ ସଂଖ୍ୟା ବଢୁଛି। ସୁନ୍ଦରଗଡ଼ ଜିଲ୍ଲା ପାଇଁ ଅଶୁଭ ଅକ୍ଟୋବର ମାସ । ପ୍ରତିବର୍ଷ ଏହି ମାସରେ ସ୍କ୍ରବ ଟାଇଫସ୍‌ରେ ଅଧିକ ଲୋକ ଆକ୍ରାନ୍ତ ହେଉଛନ୍ତି । ଚଳିତବର୍ଷ ଏଥିରେ ୨ ଜଣଙ୍କ ଜୀବନ ଗଲାଣି । ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ କହୁଛି ଡରିବାର ଆଦୌ କାରଣ ନାହିଁ । ଚଳିତ ବର୍ଷ ସ୍ଥିତି ନିୟନ୍ତ୍ରଣରେ ଅଛି । ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ



ଏନେଇ ସଚେତନ କରିବା ସହ ଚିଗର ପୋକକୁ ଦମନ କରିବା ନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି । ସାଧାରଣତଃ ଏହି ଚିଗର ପୋକ ବୁଦା, ଜଙ୍ଗଲ ବା କ୍ଷେତ ମାନଙ୍କରେ ବର୍ଷା ଦିନ ଆରମ୍ଭରୁ ଥଣ୍ଡା ବଢିବା ପର୍ଯ୍ୟନ୍ତ ଦେଖିବାକୁ ମିଳନ୍ତି । ଏହି ସମୟରେ ଚାଷୀ କ୍ଷେତ, ଜଙ୍ଗଲକୁ ଯିବା ବେଳେ ପୋକ କାମୁଡ଼ାର ଶିକାର ହୋଇ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇଥାନ୍ତି । ଏହି ଗ୍ରାଫ୍ ଏବେ ଉପରମୁହାଁ ହେବାର ଲାଗିଛି । ଯାହାକୁ ନେଇ ସାଧାରଣରେ କୋକୁଆ ଭୟ ଖେଳିଯାଇଛି ।

ଅନ୍ୟପଟେ ନିଜ ଘର ଆଖପାଖକୁ ସ୍ୱଚ୍ଛ ରଖିବା ସହ ଜ୍ୱର ହେଲେ ତୁରନ୍ତ ଆସି ଚିକିତ୍ସା କରିବା ପାଇଁ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଜନସାଧାରଣଙ୍କୁ ଅପିଲ କରିଛନ୍ତି ।

# ମୁଖ୍ୟ ସଚିବଙ୍କ ଦିଲ୍ଲୀ କ୍ୱାର୍ଟର୍ସକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର (ଭିଓଭି) :** ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ନାମରେ ଦୁଇଟି ସରକାରୀ ବାସଭବନ ଆବଣ୍ଟନ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି । ସେଥିମଧ୍ୟରୁ ଗୋଟିଏ ଭୁବନେଶ୍ୱରରେ ଓ ଅନ୍ୟଟି ନୂଆଦିଲ୍ଲୀରେ ଥିବା ଜଣାପଡ଼ିଛି । ଜାନୁୟାରୀ ୨୪ ତାରିଖରେ ଆହୁଜାଙ୍କୁ ନୂଆଦିଲ୍ଲୀରେ ଓଡ଼ିଶା ସରକାରଙ୍କ ମୁଖ୍ୟ ପ୍ରମୁଖ ଆବାସିକ ଆୟୁକ୍ତ ଭାବେ ନିଯୁକ୍ତି ମିଳିଥିଲା । ଏଥିପାଇଁ ଓଡ଼ିଶା ସରକାରଙ୍କ ପାଇଁ ଉଦ୍ଦିଷ୍ଟ କୋଟାରୁ ନୂଆଦିଲ୍ଲୀରେ କେନ୍ଦ୍ର ସହରାଞ୍ଚଳ ବିକାଶ ଓ ଗୃହ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଏକ କ୍ୱାର୍ଟର୍ସ ମିଳିଛି । ତେବେ ଦିଲ୍ଲୀରେ ଥିବା କ୍ୱାର୍ଟର୍ସରେ କିଏ ରହୁଛି, ଏହାର ତଥ୍ୟ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ନଥିବା ସୂଚନା ଅଧିକାର ଆଇନ (ଆରଟିଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି । ଯାଜପୁର ଜିଲାର ସୀମାନ୍ତ କୁମାର ପାତ୍ର ଆରଟିଆଇ ଜରିଆରେ ଏ ନେଇ ତଥ୍ୟ ମାଗିଥିଲେ । ନୂଆଦିଲ୍ଲୀସ୍ଥିତ ଆହୁଜାଙ୍କ କ୍ୱାର୍ଟର୍ସ ସମ୍ପର୍କରେ ତାଙ୍କୁ ଅଧିକ ତଥ୍ୟ ପ୍ରଦାନ କରାଯାଇ ନାହିଁ ।

ଏନେଇ ଶ୍ରୀ ପାତ୍ର ଅଭିଯୋଗ କରିଛନ୍ତି ଯେ, ନୂଆଦିଲ୍ଲୀରେ ଆହୁଜାଙ୍କୁ ଟାଇପ୍ ୬ କ୍ୱାର୍ଟର୍ସ ଆବଣ୍ଟିତ ହୋଇଛି । ସେଥିରେ ତାଙ୍କ ପରିବାର ଲୋକ ରହୁଛନ୍ତି । ତାଙ୍କୁ ସରକାରୀ ବାସଭବନ ସୁବିଧା ଦେବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଲ୍ଲୀରେ ମୁଖ୍ୟ ପ୍ରମୁଖ ଆବାସିକ ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ



ଦିଆଯାଇଛି । ଆହୁଜାଙ୍କୁ ମୁଖ୍ୟ ପ୍ରମୁଖ ଆବାସିକ ଆୟୁକ୍ତ ପଦରୁ ଅବ୍ୟାହତି ଦେଇ ତାଙ୍କ କ୍ୱାର୍ଟର୍ସ ପ୍ରତ୍ୟାହାର ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ପାତ୍ର ନିବେଦନ କରିଛନ୍ତି ।

# ସୋଲାର୍ ପମ୍ପ ଯୋଜନାରେ ବ୍ୟାପକ ଅନିୟମିତତା

**ଭବାନୀପାଟଣା (ଭିଓଭି) :** କଳାହାଣ୍ଡି ଜିଲ୍ଲା ମ.ରାମପୁର ଅନ୍ତର୍ଗତ ବାରବନ୍ଧା ପଂଚାୟତର ସଦଲଗୁଚ୍ଛା, ରାହିଙ୍ଗିପଡା, କେନ୍ଦୁପଡା, ଡାଲଭାଡି ପଦର ଗ୍ରାମଗୁଡିକରେ ପାଣି ଯୋଗାଣ ପାଇଁ ସୋଲାର ପମ୍ପ ଯୋଜନା ହୋଇଥିଲା । କିନ୍ତୁ ଠିକାଦାର ସଂସ୍ଥା ଓମ୍ ମାର୍ବଲ ଦୁଇବର୍ଷ ପୂର୍ବରୁ ଅଧାକାମ କରି ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି । ସରକାରଙ୍କ ବସୁଧା ଯୋଜନାରେ ଗରିବ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇବାର ନିୟମ ଥିଲେ ହେଁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହି ଯୋଜନା ବାଟବଣା ହୋଇଛି ଓ ଗ୍ରାମବାସୀମାନେ ସୋଲାର ପମ୍ପ ଯୋଜନା ବିଷୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ଯନ୍ତ୍ରୀଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏହି ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ମ.ରାମପୁର ସହର ଅଂଚଳରେ ବସୁଧା ଯୋଜନାରେ ଠିକାଦାର ପଡାପଡାରେ ଗାତ ଖୋଳି ଦେଇଛି । କିନ୍ତୁ ପାଣି ଏ ପର୍ଯ୍ୟନ୍ତ ଆସିପାରି ନାହିଁ ।

# ପାରାଦୀପ ଚଳଚଞ୍ଚଳ

## କଳିଙ୍ଗ ବାଲିଯାତ୍ରାରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**ପାରାଦୀପ (ଭିଓଭି) :** ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ପାରାଦ୍ୱୀପ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା 'କଳିଙ୍ଗ ବାଲିଯାତ୍ରା -୨୦୨୫'ର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ନଭେମ୍ବର ୪ ତାରିଖରେ ପାରାଦ୍ୱୀପ ଗସ୍ତରେ ଆସୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଗସ୍ତକୁ ସଫଳ କରିବା ନିମନ୍ତେ ପ୍ରଶାସନ ଚଳଚଞ୍ଚଳ ହୋଇପଡିଥିବା ବେଳେ ବିଜେପି ପାରାଦ୍ୱୀପ ନଗର



ମଣ୍ଡଳର ଯୁବମୋର୍ଚ୍ଚା ଓ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ୟୁନିଅନର ସଦସ୍ୟଙ୍କୁ ନେଇ ନୂଆବଜାର ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଜେପି ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ବାଲିଯାତ୍ରା ଉଦଘାଟନୀ ଦିନ ପାରାଦୀପ ପୌରପାଳିକାର ସମସ୍ତ ୱାର୍ଡ ମାନଙ୍କରୁ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯେପରି ଆସିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପାରାଦୀପ ବିଜେପି ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂହ, ବିଜେପି ସାଧାରଣ ସମ୍ପାଦକ ବଜରଙ୍ଗ ସ୍ୱାଇଁ ଓ ସୋଲୋମେନ ରାଜୁଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା କରିଥିଲେ । ତେବେ କଳିଙ୍ଗ ବାଲିଯାତ୍ରା ଉଦଘାଟନ ପରେ ମୁଖ୍ୟମନ୍ତ୍ରୀ ପାରାଦୀପ ବନ୍ଦର ଅତିଥି ଭବନରେ ରାତ୍ରିଯାପନ କରି ଏହା ପରଦିନ ଅର୍ଥାତ ନଭେମ୍ବର ୫ ତାରିଖ ସକାଳେ ପରମ୍ପରା ଅନୁଯାୟୀ ବନ୍ଦର ପୋତାଶ୍ରୟରେ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବେ । ସେହିପରି ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ ବିଭାଗର ମନ୍ତ୍ରୀ ଓ ଉଦଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତ ବାଲିଯାତ୍ରା ମହୋତ୍ସବରେ ନାମୀ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

# ବାଲିପଡ଼ିଆ ଉତ୍ସବମୁଖର

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ବାଚସ୍ପତି

**ବଡ଼ଚଣା (ଭିଓଭି) :** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବଡ଼ଚଣାର ବିନୋବା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ମହାନ୍ ପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କାର୍ଯ୍ୟକ୍ରମ ହୋଇଅଛି । ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ବାଲିପଡ଼ିଆ ଗ୍ରାମକୁ ବାଚସ୍ପତିଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିଲା । ବାଲିପଡ଼ିଆ ଗ୍ରାମର ଠକର ବାବା ଆଶ୍ରମଠାରୁ ଆରମ୍ଭ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତି ପୀଠ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧୀବାଦୀ ନେତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ବାଲିପଡ଼ିଆ ଗ୍ରାମରେ ଯୁବକ ମାନଙ୍କ ସହଯୋଗରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ପରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ଯୋଗଦେଇ ଗାନ୍ଧୀଙ୍କ ଅନେକ କଥାକୁ ଅଭିଭାଷଣ ମାଧ୍ୟମରେ ରଖିଥିଲେ । ଅନ୍ୟ ସମ୍ମାନୀତ ଅତିଥି ଭାବେ ରହିଥିଲେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ବିମ୍ବାଧର ମୁଦୁଲି, ସାଂସଦ ଯାଜପୁର ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ବରିଷ୍ଠ ସାମ୍ବାଦିକ ବିରୁପକ୍ଷ ତ୍ରିପାଠୀ, ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ସମାଜସେବୀ ଦେବଯାନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଫଳରେ ବାଲିପଡିଆ ଗ୍ରାମ ଆଜି ଉତ୍ସବ ମୁଖର ହୋଇଥିଲା ।



# ଭୂତକୋଠିରେ ଭ୍ରମ ସୃଷ୍ଟି କରୁଛି ବହୁ ବାତ୍ୟା ଆଶ୍ରୟସ୍ଥଳୀ



**ପୁରୀ (ଭିଓଭି) :** କେଉଁଠି ବାତ୍ୟା ଆଶ୍ରୟସ୍ଥଳୀ ଭୂତକୋଠି ପାଲଟିଗଲାଣି ତ ଆଉ କେଉଁଠାରେ ପ୍ଲାଷ୍ଟର ଛାଡି ଭୁଶୁଡିବାକୁ ବସିଛି କାନ୍ଥ ଓ ପିଲର। ଆଉ କେଉଁଠି ରଙ୍ଗ ମାରି ଉପର ଚିକଣ, ଭିତରେ ଆନୁସଙ୍ଗିକ ସାମଗ୍ରୀ ନାହିଁ। କିଛି ସ୍ଥାନରେ ଗଛଲତା ମାଡିଯାଇ ପରିତ୍ୟକ୍ତ ହୋଇପଡିଛି। ପୁଣି କେତେକ ସ୍ଥାନରେ ଜବରଦଖଲ ମଧ୍ୟ ରହିଥିବା ଅଭିଯୋଗ ହେଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦସଂକୁଳ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ କେମିତି ଲୋକେ ନିଜକୁ ସୁରକ୍ଷିତ ରଖିବାକୁ ଆସିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀର ଏ ଚିତ୍ର ପ୍ରଶାସନ ପାଖରେ ଆହ୍ୱାନ ଭାବେ ଉଭା ହୋଇଛି। ଯେତେବେଳେ କି ଗତ କିଛି ବର୍ଷ ହେଲା ଅକ୍ଟୋବର ମାସରେ ବାତ୍ୟା ହେଉଥିବା ଦେଖାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟକୁ ସାଥିରେ ନେଇ ଆସେ ଅକ୍ଟୋବର ମାସ। ୧୯୯୯ମସିହା ମହାପ୍ରଳୟଙ୍କରୀ ମହାବାତ୍ୟା ଠାରୁ ୨୦୨୪ମସିହା ପର୍ଯ୍ୟନ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ବାସିନ୍ଦା ବହୁ ବାତ୍ୟା ଓ ବନ୍ୟାକୁ ସାମ୍ନା କରିଛନ୍ତି। ଅକ୍ଟୋବର ମାସ ବାତ୍ୟା ଆସିଲେ ନିଦ ଭାଙ୍ଗେ ପ୍ରଶାସନର ଓ ସରକାରଙ୍କର। କିନ୍ତୁ ଲୋକଙ୍କ ସୁରକ୍ଷା ପାଇଁ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀ କିପରି ଅଛି ସରକାରଙ୍କ ନିଘା ନାହିଁ। ନୂତନ ସରକାର ଆସିବା ପରେ ଅସ୍ତରଙ୍ଗ ବ୍ଲକ ଅଂଚଳର କିଛି ବାତ୍ୟା ଆଶ୍ରୟସ୍ଥଳୀରେ କେବଳ ରଙ୍ଗ ମାରିଥିବା ବେଳେ ଆନୁସଙ୍ଗିକ ସାମଗ୍ରୀ ନାହିଁ। ବେଫିକର ପ୍ରଶାସନ, ବାତ୍ୟା ଆସିଲେ ବାହାଘର ବେଳେ ବାଇଗଣ ରୁଆ। ବାତ୍ୟା କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ନିଦ ଭାଙ୍ଗେ ପ୍ରଶାସନର। ପରିଚାଳନା ଗତ ତ୍ରୁଟି ଯୋଗୁଁ ଜରାଜୀର୍ଣ୍ଣ ଭୂତକୋଠୀରେ ବାତ୍ୟା ଆଶ୍ରୟସ୍ଥଳୀ।

୧୯୯୯ମସିହା ମହାବାତ୍ୟା ପରେ ଉପକୂଳ ଅଂଚଳର ଲୋକମାନଙ୍କୁ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଅଭାବ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଅଧିକାଂଶ ବାତ୍ୟାଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ହୋଇ ଭୂତକୋଠୀରେ ପରିଣତ ହୋଇଛି। କୌଣସି ବିପର୍ଯ୍ୟୟ ଆସିଲେ ଗ୍ରାମବାସୀ ନିଜକୁ ସୁରକ୍ଷିତ ରଖିବା ପାଇଁ ଏବେ ଏମାନଙ୍କ ପାଖରେ କୌଣସି ବାଟ ନାହିଁ। ମହାବାତ୍ୟା ପରେ ପୁରୀ ଜିଲ୍ଲା ଉପକୂଳ ବାସୀଙ୍କ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମରେ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଥିଲା। ଓସଡ଼ମା ଓ ରେଡ଼କ୍ରସ ଦ୍ୱାରା ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ସହ ଅନ୍ୟ ବେସରକାରୀ ଦ୍ୱାରା ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଅଭାବ ଓ ରକ୍ଷଣା ଅଭାବ ଯୋଗୁଁ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀ ଅସୁରକ୍ଷିତ ଭାବେ ଏକ ପ୍ରକାର ଭୂତକୋଠୀରେ ପରିଣତ ହୋଇଛି ବୋଲି କହିଛନ୍ତି ପରିବେଶବିତ ଶୋଭାକର ବେହେରା। ଓସଡ଼ମା ଓ ରେଡକ୍ରସ ତରଫରୁ ୧୯ଟି ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ହେଉଥିବା ବେଳେ ସରକାରଙ୍କ ପକ୍ଷରୁ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ବେଳେ ଅସ୍ତରଙ୍ଗ ବ୍ଲକର କେତେକ ବାତ୍ୟା ଆଶ୍ରୟସ୍ଥଳୀରେ କେବଳ ରଙ୍ଗ ମାରି ଉପର ଚିକଣ କରିଥିବା ବେଳେ ଭିତରେ କିଛି ଅନୁସାଙ୍ଗିକ ବ୍ୟବସ୍ଥା ପାଇଁ ନୂତନ ସରକାରଙ୍କ ନିଘା ନାହିଁ।ଏ ଘଟଣା ସମ୍ପର୍କରେ ବିବରଣୀ ଜାଣିବାକୁ ପୁରୀ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନାହିଁ କି ପ୍ରତିକ୍ରିୟା ମିଳିପାରିନାହିଁ।

## କମୁଛି ପରିବା ସ୍ୱାଦ : ବିଗୁଡୁଛି ସ୍ୱାସ୍ଥ୍ୟ

**ଅସ୍ତରଙ୍ଗ (ଭିଓଭି) :** ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ଗାଁ ଛକ ଗୁଡିକରେ ମିଳୁଛି ତଟକା ପରିବା। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାରରେ ଗ୍ରାମାଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ କିମ୍ବା ପଡୋଶୀ ଆନ୍ଧ୍ରରୁ ବ୍ୟବସାୟୀମାନେ ପରିବା ଆଣି ସକାଳୁ ସକାଳୁ ବଜାରରେ ପହଂଚୁଛନ୍ତି। ସମସ୍ତ ପ୍ରକାର ପରିବା ସହ ବିଭିନ୍ନ ଶାଗ ଆଦି ଅତି ସହଜରେ ମିଳିଯାଉଛି। ମାତ୍ର ଲୋକେ ଘରକୁ କିଣି ନେଉଥିବା ତଟକା ପନିପରିବା ପୂର୍ବ ଅପେକ୍ଷା କ୍ରମଶଃ ମାତ୍ରାଧିକ ରାସାୟନିକ ବ୍ୟବହାର ଓ ତାହା ସ୍ୱାସ୍ଥ୍ୟ ପ୍ରତି ଖରାପ ପ୍ରଭାବ ପକାଉଥିବା ସମ୍ପର୍କରେ ଅଜ୍ଞ ରହୁଛନ୍ତି। ପଡୋଶୀ ରାଜ୍ୟରୁ ତଟକା ପରିବା ଆସୁଥିଲେ ହେଁ ଅଞ୍ଚଳବାସୀଙ୍କ ଦୈନିକ ଆବଶ୍ୟକତା ମେଣ୍ଟାଇବାକୁ ବ୍ଲକର ଚାଷୀମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଚାଷୀ ବର୍ତ୍ତମାନ ଆଧୁନିକ ଚାଷ ପଦ୍ଧତି ଓ ଅଧିକ ଅମଳ ଆଶାରେ ଜମିରେ ମାତ୍ରାଧିକ ସାର ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ପରିବା ସ୍ୱାଦ କମୁଥିବା ବେଳେ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ପୁରୀ ଜିଲ୍ଲା



ଅସ୍ତରଙ୍ଗ ବ୍ଲକ କି ନିକଟବର୍ତ୍ତୀ ବ୍ଲକରେ ଶୀତଳ ଭଣ୍ଡାର ନାହିଁ। ତେଣୁ ଚାଷୀଙ୍କୁ ଅନେକ ସମୟରେ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି। ଭରଣା ପାଇଁ ଅଧିକ ସାର ଜମିରେ ପଡୁଥିବା ଚାଷୀମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ପାଇଁ ଖରା, ବର୍ଷା ଓ ଶୀତରେ ତାଳମେଳ ରହୁନାହିଁ। ଫଳରେ ଫସଲରେ ରୋଗପୋକ ଲାଗୁଛି। ତେଣୁ କୀଟ ନାଶକ ବ୍ୟବହାର କରିବାକୁ ପଡୁଛି। ବଜାରରୁ କିଣା ଯାଉଥିବା ପରିବାକୁ ଦିନେ କି ଦୁଇ ଦିନ ଭିତରେ ଶେଷ କରିବାକୁ ପଡୁଛି। ନଚେତ ତାହା ନଷ୍ଟ ହୋଇଯାଉଛି। ଫ୍ରିଜରେ ରଖିଲେ ତାହା ଶୁଖି ଯାଉଛି। କୋବି, କଞ୍ଚା ଲଙ୍କା, ଧନିଆ ପତ୍ର, ଗାଜର, କାକୁଡି ଫ୍ରିଜରେ ରଖିଲେ ସେଥିରୁ ବାସ୍ନା ଉଭେଇ ଯାଉଛି। କିଛି ବିଶେଷଜ୍ଞଙ୍କ କହିବା ମୁତାବକ ଆଜିକାଲି ଖାଦ୍ୟରେ ଅପମିଶ୍ରଣ କରାଯାଉଛି। ପରିବା ମଧ୍ୟ ଏଥିରୁ ବାଦ ପଡୁନି। ଖାଦ୍ୟରୁ ହିଁ ସମସ୍ତ ପ୍ରକାର ରୋଗ ସୃଷ୍ଟି। ସେଥି ପାଇଁ ପୂର୍ବ ଅପେକ୍ଷା ଆଜିକାଲି ଲୋକେ ଗ୍ୟାଷ୍ଟିକ ଜନିତ ସମସ୍ୟା ଘାଣ୍ଟି ହେଉଛନ୍ତି। ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନ ସହ ଜୈବିକ ପଦ୍ଧତିରେ ଚାଷ ପାଇଁ ଅଧିକ ପ୍ରୋତ୍ସାହନ ଦେବା ଆବଶ୍ୟକ।

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

## ଚିନ୍ତାରେ ଓଡ଼ିଶା ପର୍ଯ୍ୟଟନ

# ଶ୍ରୀକ୍ଷେତ୍ରରୁ ମୁହଁ ଫେରାଉଛନ୍ତି ବିଦେଶୀ ପର୍ଯ୍ୟଟକ

**ପୁରୀ (ଭିଓଭି) :** ଭିତ୍ତିଭୂମି ବଢ଼ିଛି, ତାରକା ହୋଟେଲ ଦୁଇଗୁଣା ହେଲାଣି । ବିଦେଶରୁ ବିମାନ ଆଗମନ ବି ବଢ଼ିଛି। ମାତ୍ର ପୁରୀ ଓ କୋଣାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କିନ୍ତୁ କମିବାରେ ଲାଗିଛି । ପୁର୍ବରୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ପୁରୀ ଓ କୋଣାର୍କ କୋଭିଡ୍ ପରଠୁ ଧୀରେ ଆକର୍ଷଣ ହରାଇବାରେ ଲାଗିଛି ।



ଓଡ଼ିଶା ପର୍ଯ୍ୟଟନର ଏହି ପ୍ରାଣକେନ୍ଦ୍ରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଫେଲ ମାରୁଛି। ଓଡ଼ିଶା ପର୍ଯ୍ୟଟନ ବିଭାଗର ପରିସଂଖ୍ୟାନ ରିପୋର୍ଟରେ ଏଭଳି ଚିନ୍ତା ଜନକ ତଥ୍ୟ ସାମ୍ନାକୁ ଆସିଛି। କରୋନା ପରଠୁ ଆଧାତ୍ମିକ ନଗରୀ ପୁରୀ ଓ ଐତିହ୍ୟ ସଂପନ୍ନ ବିଶ୍ୱର ସପ୍ତାଶ୍ଚର୍ଯ୍ୟ କୋଣାର୍କକୁ ଆସୁଥିବା ବିଦେଶୀ ଅତଥିଙ୍କ ସଂଖ୍ୟା କମି କମି ଯାଉଛି । ଓଡ଼ିଶା ପର୍ଯ୍ୟଟନ ବିଭାଗର ରିପୋର୍ଟ ମୁତାବକ ୨୦୧୯ରୁ ୨୦୨୩ ମଧ୍ୟରେ ପୁରୀରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୩୭ ହଜାରରୁ ୯ହଜାରକୁ ଖସି ଆସିଛି । ସେହିପରି କୋଣାର୍କରେ ମଧ୍ୟ ୭ହଜାରରୁ ୩ହଜାର ୮ଶହକୁ କମିଛି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଟୁର ଅପରେଟର । ପର୍ଯ୍ୟଟନସ୍ଥଳୀରେ ଅସାବଧାନତା ନେଉଛି ବହୁ ଜୀବନ ।

ପୂର୍ବ ଅପେକ୍ଷା ପୁରୀରେ ତାରକା ହୋଟେଲ ସଂଖ୍ୟା ବଢିଛି । ବିଦେଶରୁ ଓଡ଼ିଶାକୁ ବିମାନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତଥାପି ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି । ଏଥିପାଇଁ ବିଦେଶରେ ପର୍ଯ୍ୟଟନୀସ୍ଥଳର ପ୍ରଚାର ପ୍ରସାର ଅଭାବକୁ ଦାୟୀ କରାଯାଉଛି। ବିସ୍ତିର୍ଣ୍ଣ ବେଳାଭୂମି ସତ୍ତ୍ୱେ ପର୍ଯ୍ୟାପ୍ତ ଖୋଲାମେଲା ସ୍ଥାନ ପ୍ରସ୍ତୁତ ହୋଇ ପାରୁନାହିଁ। କୋଣାର୍କ, ଚିଲିକାକୁ ଛାଡ଼ିଦେଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ କୌଣସି ଭିତ୍ତିଭୂମି ନଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ହୋଟେଲ ମାଲିକ । ଶ୍ରୀକ୍ଷେତ୍ରରେ ବିଦେଶୀଙ୍କୁ ଆକୃଷ୍ଟ କଲା ଭଳି ସ୍ଥାନ ପ୍ରସ୍ତୁତ କରିନପାରିବା । ନିୟମିତ ବ୍ୟବଧାନରେ ଭ୍ରମଣ ମେଳା ନକରିବା ଓ ପ୍ରଚାର ପ୍ରସାର ହେଉନଥିବାର ଫଳ ଏବେ ପର୍ଯ୍ୟଟନ ଶିଳ୍ପ ଉପରେ ପଡିଥିବା ଆଲୋଚନା ହେଉଛି ।





Nihar Ranjan Acharya

# Earth on Pause

## Time to Press Play for a Greener Tomorrow

There was once a time when the Earth breathed freely — when rivers flowed crystal clear, when forests hummed with life, and when birds painted the morning skies with their songs. Today, however, the same Earth seems to gasp for air, choked by pollution, deforestation, and the relentless pace of human ambition. We have reached a point where our planet appears to be on pause, waiting for us to press play again — to restore her lost rhythm and beauty.

The story of environmental degradation is no longer confined to scientific reports; it is unfolding before our eyes. Summers are growing hotter, rainfall patterns are becoming unpredictable, and natural disasters are striking more frequently. Forests that once served as the lungs of our planet are vanishing at alarming rates. Plastic waste is suffocating our oceans, threatening marine life and the very food chain that sustains us. If the current trends continue, the damage may soon become irreversible.

Yet, amid these challenges, there remains hope — a hope rooted in human consciousness and collective will. The greatest power we possess is the ability to change, to adapt, and to heal. Sustainability, in essence, is not a new concept. It is deeply embedded in our ancient Indian philosophy. The Upanishads remind us — "Ishavasyam idam sarvam" — "The entire universe is pervaded by the Divine." This means that every tree, river, and creature holds sacred value. To harm nature is, therefore, to harm ourselves.

The principle of Vasudhaiva Kutumbakam — The world is one family — beautifully expresses the spirit of environmental harmony. When we begin to see the Earth as our extended home, our behavior automatically changes. We no longer exploit but nurture; we no longer take without giving back. This spiritual perspective must become the foundation of our modern environmental ethics.



Small actions can create monumental change. Planting a tree, saying no to single-use plastic, switching off unnecessary lights, or conserving water may seem simple, but when millions adopt such habits, the collective impact is extraordinary. Every eco-friendly act is a step toward the revival of our planet's health. It is time to make sustainability not just a policy or a program, but a way of life.

Our youth — the torchbearers of tomorrow — hold the key to this transformation. They must become the "Green Guardians" who will lead the charge toward a cleaner and more conscious future. Educational institutions can play a vital role in nurturing this awareness. Environmental clubs, plantation drives, recycling projects, and eco-literacy workshops should become integral parts of the academic journey. Children must learn not only the science of ecology but also the ethics of coexistence.

Governments, too, must act responsibly. Development should not come at the cost of destruction. The idea of progress must be redefined — not by the number of industries we build, but by how green and sustainable they are. Investment in renewable energy, green transportation, and waste management systems must be seen as priorities, not luxuries.

But true change begins with us — individuals. Each one of us has the power to make a difference. If we can transform our mindset from "use and throw" to "reuse and grow," the Earth will begin to heal. Let us remember: nature does not need us; we need nature.

The time for speeches and slogans is over. The time for action is now. The Earth is still patient, but her silence is not endless. If we fail to listen to her whispers today, we may have to face her fury tomorrow.

Let us press play again — to restart the melody of balance, beauty, and life. Because when the Earth thrives, we thrive."Together, let's make our planet breathe again.

Ph. 8249775817
Email: nihar.acharya1973@gmail.com

# The Glories of Kartik

During the month of Damodar, or Kartik (October/November), rewards for service to Krishna are greater than at any other time of year. For instance, Krishna always likes tulasi leaves, so it's always a good time to offer tulasi leaves to Krishna. However, in the Hari-bhakti-vilas of Sanatan Goswami, we find these statements: "The result one obtains by giving ten thousand cows in charity can be obtained by offering only one tulasi leaf to the Supreme Lord during the month of Kartik." (7.335) and…

"Those who worship Lord Hari with an offering of one hundred thousand tulasi leaves during the month of Kartik certainly advance on the path of pure devotional service, which includes liberation, with each leaf offered. (7.336)"

It is also recommended to offer malati (very fragrant white jasmine-like flowers) to Krishna, and here's what Hari-bhakti-vilasa says about malati offerings during Kartik: "It is better to offer malati flowers to Lord Kesava in the month of Kartik than to donate gold, cows, or land to worthy recipients. Malati flowers are pleasing to Lord Kesava (Krishna) in whatever month they are offered. In the month of Kartik, the offering of malati flowers



awards one the merit of performing a horse sacrifice."

Kartik could be thought of as the ultimate "buy one, get a-whole-lot-more free" sale, or the equivalent of a "super, multi-triple word score" in the game of Scrabble. For a limited time only, whoever is lucky (or greedy, or intelligent) enough to do some service for Krishna during this special month gets a uniquely huge return on their investment. The ultimate return: one becomes more Krishna conscious.

It was during Kartik that Krishna allowed Himself to be bound with ropes by His mother, Yasoda. Out of loving anger at her transcendentally naughty child, she tied him (dama) around the abdomen (udara) with ropes. Thus the month of Kartik is also known as the month of Damodara, "He Who was bound around the abdomen".

"During this month, in Vrndavana it is the regulative principle to pray daily to Lord Krishna in His Damodara form. The Damodara form refers to Krishna in His childhood when He was tied up with rope by His mother, Yasoda. Dama means 'ropes,' and udara means 'the abdomen.' So mother Yasoda, being very disturbed by naughty Krsna, bound Him round the abdomen with a rope, and thus Krishna is named Damodara." (Chapter 5, page 42)

# ଦୀପାବଳି ବଢ଼ାଇଲା ୩୦% ଶ୍ୱାସରୋଗୀ

**ନୂଆଦିଲ୍ଲୀ (ଭିଓଭି) :** ଦୀପାବଳି ପରେ ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳ ଅଧିକ ମାତ୍ରାରେ ପ୍ରଦୂଷିତ ହୋଇପଡିଛି । ଏଥିଯୋଗୁଁ ଦୀପାବଳି ପରଠାରୁ ସହରରେ ଶ୍ୱାସରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡିଛି । ଶ୍ୱାସରୋଗୀଙ୍କ ବ୍ୟତୀତ ଗର୍ଭବତୀଙ୍କୁ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଡାକ୍ତରଙ୍କ କହିବା ଅନୁଯାୟୀ ବାୟୁ ଓ ଶବ୍ଦ ପ୍ରଦୂଷଣର ମିଶ୍ରିତ ଶ୍ୱାସରୋଗୀ ଓ ଗର୍ଭବତୀ ରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି । ପ୍ରଦୂଷିତ ବାୟୁମଣ୍ଡଳକୁ ଦୃଷ୍ଟିରେ ରଖି ବୟସ୍କ ଓ ଶିଶୁଙ୍କୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି । ପରିସ୍ଥିତିରୁ ବର୍ତ୍ତିବାକୁ ଦିଲ୍ଲୀରେ ବର୍ତ୍ତମାନ ଏୟାର ପ୍ୟୁରିଫାୟର ଅଧିକ ସଂଖ୍ୟାରେ ବିକ୍ରି ହେଉଥିବା ଜଣାପଡିଛି । ବର୍ତ୍ତମାନ ଶୀତର ଆଗମନ ଘଟିସାରିଛି । ବାୟୁମଣ୍ଡଳ ଆପାତତଃ ସ୍ଥିର ରହୁଥିବାବେଳେ



ପ୍ରଭାବ ଯୋଗୁଁ ଏଭଳି ସମସ୍ୟା ଉପୁଜିଛି । ଚଳିତ ଦୀପାବଳିରେ ଦିଲ୍ଲୀରେ କେବଳ ସବୁଜ ବାଣ ବ୍ୟବହାର କରାଯିବ ବୋଲି ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେଇଥିଲେ । ଏହାସତ୍ତ୍ୱେ ସହରରେ ପାରମ୍ପରିକ ବାଣ ବହୁମାତ୍ରାରେ ବ୍ୟବହୃତ ହୋଇଥିଲା । ଅତ୍ୟଧିକ ପରିମାଣର ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହେବାରୁ ଦୀପାବଳି ପରେ ଦିଲ୍ଲୀ ବାୟୁମଣ୍ଡଳ ସ୍ଥିତି ସାଂଘାତିକ ହୋଇପଡିଥିଲା । ଏପରିକି ଦୀପାବଳି ପରଦିନ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ କୁଖ୍ୟାତିଲାଭ କରିଥିଲା । ଛାତିରୋଗ ଏବଂ ପ୍ରସୂତି ବିଭାଗ ଡାକ୍ତରଙ୍କ ସୂଚନା ମୁତାବକ ଅକ୍ଟୋବର ୨୦ରୁ ୨୩ ମଧ୍ୟରେ ବାଣଫୁଟାରୁ ନିର୍ଗତ ଧୂଆଁ ପ୍ରଦୂଷଣ କଣିକାଗୁଡିକୁ ଅଧିକ ମାତ୍ରାରେ ସକ୍ରିୟ କରୁଥିବା ଡାକ୍ତର କହିଛନ୍ତି । ଜରୁରୀ କାର୍ଯ୍ୟରେ ବାହାରକୁ ବାହାରିଲେ ଏନ୯୫ ମାସ୍କ ? ପରିଧାନ କରିବା ସହ ସାଙ୍ଗରେ ଇନ୍ ?ହେଲର ରଖିବାକୁ ମଧ୍ୟ ଶ୍ୱାସରୋଗୀଙ୍କୁ ପରାମର୍ଶ ଦିଆଯାଇଛି । ଗର୍ଭବତୀ ମହିଳା ବାୟୁ ପ୍ରଦୂଷଣର ଶିକାର ହେଲେ ଏହା ସେମାନଙ୍କର ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଡାକ୍ତରମାନେ ଚେତାବନୀ ଦେଇଛନ୍ତି । ପ୍ରଦୂ ?ଷଣ ରୋକିବାକୁ ଦିଲ୍ଲୀ ସରକାର ଆଗାମୀ ସପ୍ତାହରେ କୃତ୍ରିମ ବର୍ଷା କରାଇବାକୁ ଯୋଜନା ଚଳାଇଛନ୍ତି ।

## ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର (ଭିଓଭି) :** ମୁମ୍ବାଇରେ ଅକ୍ଟୋବର ୨୭ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁମ୍ବାଇ ଗସ୍ତ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବରେ ଯୋଗଦେବେ । ପରେ ଓଡ଼ିଶା ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବେ । ଯାହା ରାଜ୍ୟର ବନ୍ଦର-ନେତୃତ୍ୱାଧୀନ ନିବେଶ ସୁଯୋଗ ଏବଂ




ଏହାର ବନ୍ଦର ମାଧ୍ୟମରେ ରପ୍ତାନି ସମ୍ଭାବନା ଉପରେ ଧ୍ୟାନ ଦେବ । ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧିମଣ୍ଡଳୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ମୁମ୍ବାଇରେ ପହଞ୍ଚି ସାରିଛନ୍ତି । ଏହି ସମ୍ମିଳନୀ ଭାରତର ବର୍ଦ୍ଧିତ ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖିଛି । ବନ୍ଦର-କେନ୍ଦ୍ରୀୟ ଶିଳ୍ପ ଅଭିବୃଦ୍ଧି ଏବଂ ଉପକୂଳ ଅଞ୍ଚଳର ଆର୍ଥିକ ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବା ପାଇଁ ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ । ରାଜ୍ୟ ପ୍ରତିନିଧିମଣ୍ଡଳ ବନ୍ଦର-କେନ୍ଦ୍ରୀୟ ଶିଳ୍ପ, ଲଜିଷ୍ଟିକ୍ସ, ମତ୍ସ୍ୟଚାଷ ଏବଂ ସାମୁଦ୍ରିକ ପ୍ରଯୁକ୍ତିବିଦ୍ୟାରେ ନିବେଶ ସୁଯୋଗକୁ ଆଲୋକପାତ କରିବେ ।



# ଆମେରିକା ରଚିଥିଲା ମୋଦୀଙ୍କ ହତ୍ୟା ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ (ଭିଓଭି) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା ଆମେରିକା । ଗତ ଏସସିଓ ସମ୍ମିଳନୀ ସମୟରେ ଆମେରିକାର ଗୁଇନ୍ଦା ସଂସ୍ଥା ସିଆଇଏ ଏଭଳି ଯୋଜନା କରିଥିଲା ବୋଲି ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି । ତେବେ ଭାରତ ଏବଂ ରୁଷର ଗୁଇନ୍ଦା ସଂସ୍ଥା ପକ୍ଷରୁ ଏକ ମିଳିତି ଅପରେସନ୍ ଦ୍ୱାରା ଏହାକୁ ନିଷ୍ଫଳ କରି ଦିଆଯାଇଥିଲା ।

ନିକଟରେ ଚୀନରେ ଏସସିଓ (ସାଙ୍ଘାଇ ସହଯୋଗ ସଂଗଠନ) ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ମୋଦୀ ଚୀନ ଯାଇଥିଲେ । ସେହି ସମୟରେ ମୋଦୀଙ୍କୁ ହତ୍ୟା ପାଇଁ ହୋଇଥିଲା ଯୋଜନା । ଏହାକୁ କାର୍ଯ୍ୟକାରୀ କରିବାକୁ ଷଡ଼ଯନ୍ତ୍ର ରଚିଥିଲା ଆମେରିକୀୟ ଗୁଇନ୍ଦା ସଂସ୍ଥା ସିଆଇଏ । ଢାକାରେ ଆମେରିକାର ଜଣେ ସ୍ୱତନ୍ତ୍ର ନିରାପତ୍ତା ଅଧିକାରୀ ଟେରେନ୍ସ ଆରଭେଲ ଜ୍ୟାକ୍ସନଙ୍କ ରହସ୍ୟଜନକ ମୃତ୍ୟୁ ଘଟିବା ପରେ ଏହି ତଥ୍ୟ ଲୋକଲୋଚନକୁ ଆସିଛି । ମୋଦୀଙ୍କୁ ହତ୍ୟା ଯୋଜନା ସହିତ ଜ୍ୟାକ୍ସନଙ୍କ ରହସ୍ୟଜନକ ମୃତ୍ୟୁର ସଂଯୋଗ ରହିଛି ବୋଲି ଆର୍‌ଏସ୍‌ଏସ୍ ଦ୍ୱାରା ସଂଚାଳିତ ଉକ୍ତ ପତ୍ରିକାରେ ଉଲ୍ଲେଖ କରାଯାଇଛି ।

ଏସ୍‌ସିଓ ସମ୍ମିଳନୀର ଆୟୋଜକଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଯେଉଁଦିନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ସେଦିନ ସକାଳେ ଭାରତୀୟ ଏବଂ ରୁଷର ଗୁଇନ୍ଦା ସଂସ୍ଥାକୁ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କତା ମିଳିଥିଲା । ଏହା ପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମୋଦୀଙ୍କୁ ତାଙ୍କ ସୁରକ୍ଷିତ ଲିମୋସିନ କାରରେ ସମ୍ମିଳନୀ ସ୍ଥଳକୁ ନେଇଥିଲେ । ମୋଦୀଙ୍କୁ ହତ୍ୟା କରିବା ଲାଗି ଆମେରିକାର ଜଣେ ଅଧିକାରୀ ଢାକାରେ ଡେରା ପକାଇଥିବା ରୁଷ ଗୁଇନ୍ଦା ସଂସ୍ଥା ଜାଣିବାକୁ ପାଇଥିଲା । ସେହିଦିନ ଆମେରିକାର ଜଣେ ଅଧିକାରୀ ଜ୍ୟାକ୍ସନଙ୍କର ଢାକାରେ ରହସ୍ୟଜନକ ଭାବେ ମୃତ୍ୟୁ ହୋଇଥିଲା । ରିପୋର୍ଟ ଅନୁସାରେ, ଜ୍ୟାକ୍ସନ କୌଣସି ସରକାରୀ କାର୍ଯ୍ୟରେ ବାଂଲାଦେଶ ନଯାଇ ମୋଦୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ମିଶନର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲେ ।

# ତିନି ଘଣ୍ଟାରେ ହଟିବ ଆପତ୍ତିଜନକ ପୋଷ୍ଟ

**ଭୁବନେଶ୍ୱର (ଭିଓଭି) :** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଜରିଆରେ ପ୍ରସ୍ତୁତ ଭିଡିଓ, ଅଡିଓ ସହାୟତାରେ ନିର୍ବାଚନ ପ୍ରଚାର କରିବାରେ ସମସ୍ୟା ନାହିଁ । ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସୀମା ମଧ୍ୟରେ ରହି ଏଆଇର ଉପଯୋଗ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନୂଆପଡ଼ା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ସେମାନଙ୍କ ପ୍ରଚାର ପ୍ରତିନିଧିଙ୍କୁ ସତର୍କ କରାଇଛନ୍ତି । ଡିପ୍ ଫେକ୍ ଅବା କପୋଳକଳ୍ପିତ ଭିଡିଓ, ଅଡିଓ ଜରିଆରେ ନିର୍ବାଚନକୁ ପ୍ରଭାବିତ କରିବା କାର୍ଯ୍ୟରୁ ବିରତ ରହିବା ପାଇଁ ନିବେଦନ କରାଯାଇଛି । ଆପତ୍ତିଜନକ ଏବଂ ବିଭ୍ରାନ୍ତିକର ପୋଷ୍ଟକୁ ସାମାଜିକ ଗଣମାଧ୍ୟମରୁ ତିନି ଘଣ୍ଟା ମଧ୍ୟରେ ହଟାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି ।




ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଆଇଟି ନିୟମ-୨୦୨୧ ଏବଂ ଏ ସମ୍ପର୍କିତ ଜାରି ସମସ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରି ପ୍ରଚାର କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶନ ପାଇଁ ଏଆଇ ଦ୍ୱାରା ପ୍ରସ୍ତୁତ ଭିଡିଓ, ଅଡିଓ ଆଦି ଦାୟିତ୍ୱର ସହ କରାଯିବା ଆବଶ୍ୟକ । ଏହା ଉଦ୍ଦେଶ୍ୟମୂଳକ, ମିଥ୍ୟା ତଥ୍ୟ ଆଧାରିତ, କାହାକୁ ଅସମ୍ମାନ କରିବା କିମ୍ବା ହାନି ପହଞ୍ଚାଇବା ଭଳି ହୋଇନଥିବା ଜରୁରୀ । ସବୁ ଭିଡିଓରେ ପ୍ରସ୍ତୁତକର୍ତ୍ତା ସଂସ୍ଥାର ନାମ ମେଟା ଡାଟା କିମ୍ବା ସଂଲଗ୍ନ କ୍ୟାପସନରେ ସ୍ପଷ୍ଟ ଭାବେ ଲେଖା ରହିବ । ଭୋଟରଙ୍କୁ ବିଭ୍ରାନ୍ତ କିମ୍ବା ପ୍ରତାରଣା କରିବା, କୌଣସି ବ୍ୟକ୍ତିଙ୍କ ପରିଚୟ, ରୂପ କିମ୍ବା ସ୍ୱରକୁ ଭୁଲ ଭାବେ ପ୍ରକାଶ କିମ୍ବା ଫରୱାର୍ଡ଼ କରାଯିବ ନାହିଁ । ଅଫିସିଆଲ୍ ପାର୍ଟି ହ୍ୟାଣ୍ଡେଲରେ ଥିବା କୌଣସି କୃତ୍ରିମ ଭାବେ ପ୍ରସ୍ତୁତ ଫଟୋ, ଅଡିଓ, ଭିଡିଓ, ଭୁଲ ସୂଚନା ନିର୍ବାଚନ ଆୟୋଗଙ୍କ ଦୃଷ୍ଟିକୁ ଆସିବାର ୩ ଘଣ୍ଟା ମଧ୍ୟରେ ହଟାଇ ଦିଆଯିବ । ରାଜନୈତିକ ଦଳଗୁଡ଼ିକ ଏଆଇ ପ୍ରସ୍ତୁତ କର୍ତ୍ତାଙ୍କ ବିବରଣୀ ଏବଂ ପ୍ରସ୍ତୁତିର ରେକର୍ଡ ରଖିବେ ଏବଂ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଯାଞ୍ଚ ପାଇଁ ଉପଲବ୍ଧ କରାଇବେ ।

# ନୂଆପଡ଼ାରେ ୩ ଦଳର ପ୍ରଚାର ଜୋରଦାର

**ଜୟଙ୍କ ପାଇଁ ଭୋଟ ମାଗିଲେ ପ୍ରଭାତୀ**

**କଂଗ୍ରେସ କଲା ମହିଳା ସମାବେଶ**

**ସ୍ନେହାଙ୍ଗିନୀଙ୍କ ସ୍ୱତନ୍ତ୍ର ରଣନୀତି**




**ନୂଆପଡ଼ା (ଭିଓଭି) :** ନୂଆପଡ଼ା ଉପନିର୍ବାଚନ ପାଇଁ ଆରମ୍ଭ ହୋଇଯାଇଛି ଜୋରଦାର ପ୍ରଚାର । ବିଜେପି ସୁଭଦ୍ରା ଶକ୍ତି ସମାବେଶ କରି ପତିଆରା ଦେଖାଇଥିବା ବେଳେ ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସଭାପତି ମନମୋହନ ସାମଲ ସାମିଲ ହୋଇ ଜୟଙ୍କ ପାଇଁ ପ୍ରଚାର କରିଛନ୍ତି । ବିଜେପି ଜିତିଲେ ଜିଲ୍ଲାରେ ବିକାଶ ଘରେ ଘରେ ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସିଲଦାରେ ମହିଳା ସମାବେଶ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତ ଦାସ, ଘାସିରାମଙ୍କ ପାଇଁ ଭୋଟ ମାଗିଛନ୍ତି । ସେହିଭଳି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମନାରେ ସ୍ୱତନ୍ତ୍ର ରଣନୀତି ସହ ପ୍ରଚାର କରିଛନ୍ତି । ନୂଆପଡ଼ା ଜିତିବାକୁ ବିଜେପି ପ୍ରସ୍ତୁତ କରିଛି ବଡ଼ ପ୍ଲାନ୍ । ଏହି ପ୍ଲାନ୍ ଅନୁସାରେ ନୂଆପଡ଼ାର ୮ଟି ଜୋନ୍‌କୁ ୮ଜଣ ମନ୍ତ୍ରୀ ଜଗିବାର କାର୍ଯ୍ୟକ୍ରମ ରହିଛି । ଏତଦ୍‌ଭିନ୍ନ ଉପନିର୍ବାଚନ ପରିପ୍ରେକ୍ଷିରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ନୂଆପଡା ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ମାଓ ଅଞ୍ଚଳ ବି ପରିଦର୍ଶନ କରିଛନ୍ତି । ନିର୍ବାଚନକୁ ମୁକ୍ତ ଏବଂ ଅବାଧ କରିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛତିଶଗଡ ଓ ଓଡ଼ିଶା ସୀମାକୁ ସିଲ୍ କରାଯାଇଥିବା ପ୍ରକାଶ କରିଛନ୍ତି । ଆଗକୁ ୩ ଦଳର ହେଭିୱେଟ୍ ପ୍ରଚାରରେ ସାମିଲ ହେବାକୁ ଯାଉଥିବା ବେଳେ ପ୍ରଚାର ଆହୁରି ଜୋର୍‌ଦାର ହେବ ବୋଲି ଆଶା କରାଯାଉଛି । ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ପ୍ରଶାସନ ସତର୍କତାର ସହ କାର୍ଯ୍ୟ କରୁଥିବା ଜଣାଯାଇଛି ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର